# ଦୁର୍ଦ୍ଦିନରେ ବିସ୍ଥାପିତ, ଠିକା ଶ୍ରମିକ

■ ଠିକାସଂସ୍ଥା ମାଲାମାଲ
■ ନିର୍ବାଚନ ସମୟରେ କଳିଙ୍ଗନଗରରେ ଅଶାନ୍ତି ବଢୁଛି

**ଯାଜପୁର,୨୨।୩(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶିଳ୍ପ କମ୍ପାନୀ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ଏହି କ୍ରମରେ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ନିଯୁକ୍ତି ଆଶା ମଧ୍ୟ ସଞ୍ଚାର ହୋଇଛି। ହେଲେ ବାସ୍ତବରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଅଧିକାଂଶ କମ୍ପାନୀ ରାଜ୍ୟ ବାହାରର ହୋଇଥିବାରୁ ସେଥିରେ ଅଣଓଡ଼ିଆ ଅଧିକାରୀମାନେ ନିଯୁକ୍ତି ଏବଂ ଠିକାସଂସ୍ଥା ନିୟୋଜନ ଦାୟିତ୍ୱରେ ରହିଛନ୍ତି। ଫଳରେ ସ୍ଥାନୀୟ ନିଯୁକ୍ତି ତ ଦୂରର କଥା ଘରଡିହ, ଜମିବାଡ଼ି ହରାଇଥିବା ବିସ୍ଥାପିତଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ ଭାବେ ଥଇଥାନ କରାଯାଉ ନାହିଁ। ଫଳରେ ପୁଞ୍ଜୀଭୂତ ଅସନ୍ତୋଷ ଏବେ କଳିଙ୍ଗନଗର ଅଞ୍ଚଳରେ ଆନ୍ଦୋଳନର ରୂପ ନେଇଛି। ଏହାର ସମାଧାନ ଦିଗରେ ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ନୈରାଶ୍ୟଜନକ ହେଉଥିବାରୁ ଶାସକ ଦଳ ପ୍ରତି ସାଧାରଣରେ ଏକ ନକାରାତ୍ମକ ଭାବନା ସୃଷ୍ଟି ହେଉଛି।

କଳିଙ୍ଗନଗର କମ୍ପାନୀର କାରଖାନା ଓ ସୁକିନ୍ଦା ଖଣି ଖାଦାନରେ ପରିଚାଳନା, ପରିବହନ, ରକ୍ଷଣାବେକ୍ଷଣ, ମରାମତି ଆଦି କ୍ଷେତ୍ରରେ ରାଜ୍ୟ ବାହାରର ଅଧିକାଂଶ ଠିକାସଂସ୍ଥା ନିୟୋଜିତ ଅଛନ୍ତି। ତେବେ ଏହି ଠିକାସଂସ୍ଥାଗୁଡିକରେ ନିୟୋଜିତ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ ନିର୍ଦ୍ଧାରିତଠାରୁ ଅଧା ଦରମା ଦେଇ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟା ବଳି ପଡ଼ିଛି। ବିସ୍ଥାପନର ଦୁଃଖ ସାଙ୍ଗକୁ ନିୟୋଜିତ ଠିକାସଂସ୍ଥାଗୁଡ଼ିକର ଶୋଷଣ ମନୋଭାବ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରିଛି। ଏହାର ସୁଯୋଗ ନେଇ କଳିଙ୍ଗନଗର ଓ ଖଣି ଅଞ୍ଚଳରେ ବିଭିନ୍ନ ଶ୍ରମିକ ସଂଗଠନ ଗଢ଼ି ଉଠିଛି। ଖଣି ଓ ଶିଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପ୍ରତିଶ୍ରୁତି ଦେଇ କେତେକ ସଂଗଠନ କେବଳ ନିଜର ସ୍ୱାର୍ଥସାଧନ କରି ଆସୁଥିବା ମନେହେଉଛି। କିନ୍ତୁ ଏଇ କିଛିଦିନ ମଧ୍ୟରେ ଭୀମ ଆର୍ମି ପକ୍ଷରୁ ପ୍ରତୀକ ଧାରଣା ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ମହାମେଳି ଆନ୍ଦୋଳନକୁ ବଳ ଯୋଗାଇଛି। ସ୍ଥାନୀୟ ନିଯୁକ୍ତି, ବିସ୍ଥାପିତ ପରିବାରବର୍ଗଙ୍କୁ କ୍ଷତିପୂରଣ ସହ ସ୍ଥାୟୀ ନିଯୁକ୍ତି, ମଜୁରି ବୃଦ୍ଧି, ଛଟେଇ ବନ୍ଦ ଆଦି ଦାବି ପ୍ରଶାସନକୁ ଦୋହଲାଇ ଦେଇଛି। ନିଯୁକ୍ତି ଓ ମଜୁରି ପ୍ରଦାନରେ ଟାଳଟୁଳ ନୀତି ସମେତ ଠିକାଶ୍ରମିକ ଉଚ୍ଛେଦ ଆଇନର ଉଲ୍ଲଂଘନ କାରଣରୁ ସମସ୍ତ ପ୍ରକ୍ରିୟା ବିଳମ୍ବିତ ହେଉଛି। ଏପରିସ୍ଥଳେ ଭିଟାମାଟି ଜମି, ଘର, ବୃତ୍ତି ସବୁ କିଛି ହରାଇଥିବା ଲୋକେ ବିଦ୍ରୋହୀ ହେବା ସ୍ୱାଭାବିକ। ଚାନ୍ଦିଆ, ବାଲିଗୋଠ, ଟାଙ୍ଗରସାହି, ବରପାଳ, କୁଡୁମୀସାହି, ଅରାସାହି ସମେତ ଖଣି ଅଞ୍ଚଳର ବହୁ ଗ୍ରାମର ଚାଷଜମି ଶିଳ୍ପ ଓ ଖଣିରେ ବ୍ୟବହାର ହୋଇ ସାରିଲାଣି। ଚାଷବାସ ଯିବାପରେ ଅଞ୍ଚଳବାସୀ କଳ କାରଖାନା ଓ ଠିକାସଂସ୍ଥାଗୁଡ଼ିକ ଉପରେ ନିର୍ଭର କରୁଛନ୍ତି। ଏହିକ୍ରମରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଠିକା ଶ୍ରମିକ ନିଯୁକ୍ତି ଦେଇ ସନ୍ତୁଷ୍ଟ କରାଯାଉଛି। ହେଲେ ଉଚ୍ଚତର କୁଶଳୀ କର୍ମଚାରୀ ଏବଂ ଶ୍ରମିକଙ୍କୁ ଦୈନିକ ୧୦୦୦ ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ କାରଖାନା କର୍ତ୍ତୃପକ୍ଷ ପ୍ରଦାନ କରୁଥିବାବେଳେ ନିୟୋଜିତ ଠିକାସଂସ୍ଥାଗୁଡିକ ତାହାର ପ୍ରାୟ ୪୦ ପ୍ରତିଶତ ପାଉଣା ଦେଇ ବାକି ହଡ଼ପ କରୁଛନ୍ତି। ସେହିପରି ଅର୍ଦ୍ଧ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ କାରଖାନା କର୍ତ୍ତୃପକ୍ଷ ଦୈନିକ ୪୦୦ ରୁ ୧୦୦୦ ଟଙ୍କା ଲେଖାଏ ପ୍ରଦାନ କରୁଥିବାବେଳେ ଅନୁରୂପ ଭାବେ ପ୍ରାୟ ୪୦ ପ୍ରତିଶତ ପାଉଣା ଶ୍ରମିକଙ୍କୁ ମିଳୁଛି। ଅବଧି ସରିଲେ ସେମାନଙ୍କୁ ପ୍ରାୟ ତଡ଼ା ଖାଇବାକୁ ପଡୁଛି। ଠିକାଶ୍ରମିକ ଉଚ୍ଛେଦ ଆଇନକୁ ଉଲ୍ଲଂଘନ କରି ଫୁଲ୍ ଆଣ୍ଡ୍ ଫାଇନାଲ ପ୍ରାପ୍ୟ ପ୍ରଦାନ କରିବା ପୂର୍ବରୁ କେତେକ ରାଜ୍ୟ ବାହାରର ଠିକାସଂସ୍ଥା ଏଠାରୁ ଫେରାର ହୋଇଥିବା ଘଟଣା କଳିଙ୍ଗନଗର ଶିଳ୍ପାଞ୍ଚଳରେ ନଜିର ରହିଛି। ଏଭଳି ସ୍ଥିତିରେ ଚାକିରି ହରାଇଥିବା ଓ ନିଯୁକ୍ତି ଅପେକ୍ଷାରେ ଥିବା ଶିକ୍ଷିତ ଯୁବତୀଯୁବକଙ୍କ ସପକ୍ଷରେ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ବିଭିନ୍ନ ଶ୍ରମିକ ସଂଗଠନ ଠିଆ ହେବା ବଦଳରେ ଠିକାସଂସ୍ଥାର ସୁରକ୍ଷା କବଚ ସାଜିଛନ୍ତି ବୋଲି ଚର୍ଚ୍ଚା ହେଉଛି।

ନିଯୁକ୍ତିର ମନଲୋଭା ପ୍ରତିଶ୍ରୁତି ପାଇ ଜିଲାବାସୀ ଶିଳ୍ପ କାରଖାନାକୁ ସ୍ୱାଗତ କରିଥିଲେ । ଘରୋଇ ପୁଞ୍ଜି ନିବେଶରେ ବହୁ ଶିଳ୍ପ କାରଖାନା କଳିଙ୍ଗନଗରରେ ଗଢି ଉଠିଲା ଓ କେତେକ ନୂତନ କାରଖାନା ଏବେ ପାଦ ଥାପିଛନ୍ତି। ହେଲେ ମନଲୋଭା ପ୍ରତିଶ୍ରୁତି ସବୁ ପ୍ରତିଶ୍ରୁତିରେ ରହିଯାଉଛି । ସ୍ଥାନୀୟ ଠିକାସଂସ୍ଥାଗୁଡ଼ିକୁ ଅଣଦେଖା ଏବଂ ରାଜ୍ୟ ବାହାରର ଠିକାସଂସ୍ଥାଗୁଡିକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ମତପ୍ରକାଶ ପାଇଛି। ଠିକାସଂସ୍ଥାଗୁଡ଼ିକରୁ ସ୍ଥାନୀୟ କେତେଜଣ ନେତା ଓ କମ୍ପାନୀର ଅଧିକାରୀ ମାସିକ ଚାନ୍ଦା ଆଦାୟ କରି ଶ୍ରମିକଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିବାରେ ପରୋକ୍ଷ ଭାବେ ସହାୟକ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି।

## କେଜରିୱାଲଙ୍କ ଗିରଫ ପ୍ରତିବାଦରେ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମ୍ ଆଦ୍‌ମୀ ପାର୍ଟି ନେତା ଧାରଣା ଦେଇଛନ୍ତି।

**ଯାଜପୁର ଟାଉନ,୨୨।୩ (ପ୍ରଯକ୍ତ ପ୍ରିୟଦର୍ଶନୀ ମହାନ୍ତି)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ କେଜରିୱାଲଙ୍କ ଗିରଫ ପ୍ରତିବାଦରେ ଶୁକ୍ରବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଗୁରୁବାର ରାତିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଅଗଣତାନ୍ତ୍ରିକ ଭାବେ ତାଙ୍କୁ ଗିରଫ କରାଯାଇଥିବା ଅଭିଯୋଗ କରି ପାର୍ଟି ପକ୍ଷରୁ ଏଭଳି ପ୍ରତିବାଦ କରାଯାଇଛି। ପାର୍ଟିର ବରିଷ୍ଠ ନେତା ପୁଲିନ୍ ବିହାରୀ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଜିଲା ସଭାପତି ମନୋଜ କୁମାର ମହାନ୍ତି, ସେକ୍ ଏ.କେ୍ ତାହାରୁଦ୍ଦିନ୍, କୈଳାଶ ଚନ୍ଦ୍ର ଜେନା, କୈଳାଶ ବେହେରା, ରବି ବେହେରା ପ୍ରମୁଖ ଯୋଗଦେଇ ଗିରଫଦାରୀକୁ ଦୃଢ଼ ନିନ୍ଦା କରିବା ସହିତ ତାଙ୍କୁ ନିଃସର୍ତ୍ତରେ ଖଲାସ କରିବା ପାଇଁ ଦାବି କରିଥିଲେ।

## ଧର୍ମଶାଳା ମୁନ୍‌ସୀ ମିଳନ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୨୨।୩(ବଟକୃଷ୍ଣ ପରିଡ଼ା)**

ରାଜ୍ୟର ସର୍ବପୁରାତନ ଧର୍ମଶାଳାର ୧୪୮ ତମ ମୁନସୀ ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଥାନା ଅଧିକାରୀ ତଥା ମିଳନ କମିଟି ସଭାପତି ତପନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ ତାରିଖ ଗୁରୁବାର ରାଧାକୃଷ୍ଣ ମିଳନ ଓ ଫଗୁ ଖେଳ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ମିଳନ ପର୍ବ ଗୁରୁବାର ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ଶୁକ୍ରବାର ମଧ୍ୟାହ୍ନରେ ଉଦ୍‌ଯାପିତ ହେବ। ବୈଠକରେ ମିଳନ କମିଟି ସମ୍ପାଦକ ଜଳଧର ମହାନ୍ତି ଆୟବ୍ୟୟର ହିସାବ ଦେବା ସହ ଚଳିତ ବର୍ଷର ମିଳନ ଉତ୍ସବକୁ ସରଶ ସୁନ୍ଦର କରିବାକୁ ପ୍ରସ୍ତାବ ଦେଇଥିଲେ। ସହସମ୍ପାଦକ ପ୍ରମୋଦ ଦାସ, କୋଷାଧ୍ୟକ୍ଷ ଅଜୟ ନାୟକ, ସଭ୍ୟ ବସନ୍ତ ପରିଡ଼ା, ଗଙ୍ଗାଧର ମହାରଣା, ମନୋଜ ରାଉତ, ଧନେଶ୍ୱର ସାହୁ, ନବକିଶୋର ନାୟକ, ନିରଞ୍ଜନ ମୁଦୁଲି, ଲକ୍ଷ୍ମୀଧର ରାଉତ, ଗୋଲକ ସାମଲ ଓ ସନ୍ତୋଷ କୁମାର ଜେନା ପ୍ରମୁଖ ସମସ୍ତ ସଭ୍ୟ ଯୋଗଦେଇ ଅଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଥର ମିଳନରେ ୩୩ ବଡ଼ ଓ ୫୦ ଛୋଟ ବିମାନକୁ ନିମନ୍ତ୍ରଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବିମାନ ଶୋଭାଯାତ୍ରା ସମୟରେ ଅଶ୍ଳୀଳ ସଂଗୀତ ଓ ନୃତ୍ୟ ପରିବେଷଣ ନ କରିବାକୁ ଠାକୁର ବାଡ଼ିଆମାନଙ୍କୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ମିଳନରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ନଜରରେ ରଖି ପାନୀୟ ଜଳ, ବିଦ୍ୟୁତ ଓ ରାସ୍ତା ସଫେଇ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ମିଳନରେ ଚୋରମୁହାଁ ଗ୍ରମାର ବିମାନ ଥାନପତି ଭାବେ ଯୋଗଦେବେ। ଏଥିରେ ସମସ୍ତେ ସହଯୋଗ କରିବାକୁ ଥାନା ଅଧିକାରୀ ତଥା ମୁନସୀ ମିଳନ କମିଟି ସଭାପତି ନାୟକ ନିବେଦନ କରିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ମା’ ଆଣିଲେ ହତ୍ୟା ଅଭିଯୋଗ

**କଳିଙ୍ଗନଗର,୨୨।୩(ଶୁଭାଶିଷ ରାଉତ)**

ଯାଜପୁର ରୋଡ୍ ଥାନା ଅଧୀନ ଦାନଗଦି ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ତାଙ୍କ ମୃତଦେହ ଶୋଇବା ଘର ଫ୍ୟାନରେ ଝୁଲୁଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଗ୍ରାମର ସ୍ୱାଗତିକା ରାଉତ। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା’ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, କୁଆଖିଆ ଥାନା ଭୋଟକା ଗାଁର ବ୍ରହ୍ମାନନ୍ଦ ରାଉତ ଓ ସବିତା ରାଉତଙ୍କ ଝିଅ ସ୍ୱାଗତିକା ୨୦୧୯ରେ ଦାନଗଦି ଗାଁର ଆଦିତ୍ୟ ସାହୁଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଏକ ୪ ବର୍ଷର ପୁତ୍ର ସନ୍ତାନ ରହିଛି। ବିବାହର କିଛିଦିନ ପରେ ସ୍ୱାମୀ ଓ ପରିବାର ଲୋକେ ମିଶି ତାଙ୍କୁ ଯୌତୁକ ପାଇଁ ବାରମ୍ବାର ନିର୍ଯାତନା ଦେବାସହ ମାଡ଼ ମାରିଥିଲେ। ଏହି ଘଟଣା ପରେ ସ୍ୱାଗତିକାଙ୍କ ମାମୁ, ମାଉସୀ ଓ ପରିବାର ଲୋକେ ଆସି ଆଦିତ୍ୟଙ୍କୁ ବୁଝାଶୁଝା କରି ଘଟଣାର ସମାଧାନ କରିଥିଲେ। ହେଲେ ସ୍ୱାଗତିକାଙ୍କୁ ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ ମିଶି ମାରିଦେଇଥିବା ମା’ ସବିତା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୧୮୯।୨୪ ରୁଜୁ ହୋଇଛି। ଘଟଣା ପରେ ମହିଳାଙ୍କ ଶାଶୁଘର ପରିବାର ଲୋକେ ଫେରାର ହୋଇ ଯାଇଛନ୍ତି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ଓ ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

## ଘଣ୍ଟାଏ ବ୍ୟବଧାନରେ ୨ ଦୁର୍ଘଟଣା

■ ଜଣେ ମୃତ, ୨ ଗୁରୁତର
■ ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିବା ଟ୍ରକ୍ ସହ ପିଟିହେଲା ଆଉ ଏକ ଟ୍ରକ୍

**ରସୁଲପୁର,୨୨।୩(ରଞ୍ଜିତ ରାଉତ)**

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଉପରିସ୍ଥ ମୂଳାପାଳ ଓ ବିଜୁନଗର ଛକ ମଧ୍ୟସ୍ଥଳରେ ୧ ଘଣ୍ଟା ବ୍ୟବଧାନରେ ୨ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ହେଲପର ଓ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ମୃତ ଚାଳକ ଜଣକ ଟ୍ରକରେ ଫସି ରହିଥିବା ବେଳେ ଦୁର୍ଘଟଣା ସ୍ଥଳରୁ ଟ୍ରକ ହେଲପର ଓ ବାଇକ୍ ଚାଳକଙ୍କୁ ରସୁଲପୁର ଦମକଳ ବାହିନୀ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି।

ସୂଚନା ମୁତାବକ, ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ଲୁହାପଥର ବୋଝେଇ ଟ୍ରକ ନମ୍ବର(ଓଡି-୦୫-ଏଫ-୫୬୫୬) ଭୁଲ ରାସ୍ତାରେ ଆସୁଥିବାବେଳେ ଜଣେ ବାଇକ୍ ଚାଳକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ବିଞ୍ଝାରପୁର ଥାନା ଅନ୍ତର୍ଗତ ଉଓଙ୍ଗରା ଗ୍ରାମର ଶରତ ସାହୁଙ୍କ ପୁଅ ରାକେଶ (୩୫) ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବରପାଇ କୁଆଖିଆ ପୋଲିସ ପହଞ୍ଚି ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଦମକଳ ବାହିନୀ ସହାୟତାରେ ଧର୍ମଶାଳା ଡାକ୍ତରଖାନକୁ ପଠାଇଥିଲା। ଏହି ଘଟଣାରେ ଠିକ୍ ଘଣ୍ଟାଏ ବ୍ୟବଧାନରେ ସମାନ ଦୁର୍ଘଟଣା ସ୍ଥଳରେ ଠିଆ ହୋଇଥିବା ସମ୍ପୃକ୍ତ ଲୁହାପଥର ବୋଝେଇ ଟ୍ରକକୁ ସମ୍ମୁଖ ପଟୁ ଆଉ ଏକ ଟ୍ରକ ପାଣିକୋଇଲି ଅଭିମୁଖେ ଯାଉଥିବା ବେଳେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଧକ୍କା ଦେଇଥିବା ଟ୍ରକ୍ ଚାଳକ ଯାଜପୁର ସଦର ଥାନା ଅନ୍ତର୍ଗତ ଅର୍ଥଗାଁ ପଞ୍ଚାୟତର କୁଳମଣି ମହାନ୍ତିଙ୍କ ପୁଅ ପ୍ରସାଦ(୪୧)ଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ଟ୍ରକ୍‌ରୁ ବାହାର କରିବା ପାଇଁ ପୋଲିସ ପକ୍ଷରୁ କଟର ମେଶିନର ସହାୟତା ନେବାକୁ ପଡ଼ିଥିଲା। ଆହତ ହେଲପର ସେହି ଗ୍ରାମର କୈଳାସ ଚନ୍ଦ୍ର ମୁଦୁଲିଙ୍କ ପୁଅ ଅଭିମନ୍ୟୁ(୨୨) ବୋଲି ଜଣାପଡ଼ିଛି। ଉଭୟ ଆହତଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସ୍ଥଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କୁଆଖିଆ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇ ଗମନାଗମନକୁ ସ୍ୱାଭାବିକ କରାଯାଇଛି।




## ସୋକପିଟ୍ ଟାଙ୍କିରୁ ହରିଣ ଉଦ୍ଧାର

**ବାଲିକୁଦା,୨୨।୩(ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତ ଅନ୍ତର୍ଗତ ଦେଉଳୀ ଗାଁରେ ସୋକପିଟ୍ ଟାଙ୍କିରେ ପଡ଼ି ଯାଇଥିବା ଏକ ହରିଣକୁ ଶୁକ୍ରବାର ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରାଯାଇଛି। ହରିଣଟି କେଉଁଆଡୁ ଚାଲିଆସି ଉକ୍ତ ଗାଁର ଅରକ୍ଷିତ ରାଉଳଙ୍କ ବାଡ଼ି ପଛ ପାଖରେ ନଳକୂପ ପାଣି ବ୍ୟବହାର ପାଇଁ କରାଯାଇଥିବା ଏହି ଟାଙ୍କିରେ ପଡ଼ିଯାଇଥିଲା । ପରିବାର ଲୋକେ ଅପରାହ୍ନରେ ଏହା ଦେଖି ସ୍ଥାନୀୟ ପିଲାଙ୍କ ସହାୟତାରେ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସମସ୍ୟା ହେବାରୁ ପ୍ରଥମେ ଦମକଳ ବାହାନୀ ଓ ପରେ ହାୱାଖାନା ବନପାଳ ମଙ୍ଗଳ ହେମ୍ବ୍ରମ୍‌ଙ୍କୁ ଖବର ଦିଆଯାଇଥିଲା। ତେବେ ଦମକଳ କର୍ମଚାରୀ ସେଠାରେ ପହଞ୍ଚିବା ପୂର୍ବରୁ ବନ କର୍ମଚାରୀମାନେ ପହଞ୍ଚି ହରିଣଟିକୁ ଉଦ୍ଧାର କରି ଏକ ଡାଲା ଅଟୋ ଯୋଗେ ସାଙ୍ଗରେ ନେଇଯାଇଥିଲେ । ଉଦ୍ଧାର କାର୍ଯ୍ୟରେ ରବୀନ୍ଦ୍ର ବାରିକ, ପିଙ୍କୁଲା ରାଉଳ, ରବୀନ୍ଦ୍ର ରାଉଳ, ଅକ୍ଷୟ ରାଉଳ, ପ୍ରିୟବ୍ରତ ରାଉଳ, ଗଣେଶ୍ୱର ପରିଡ଼ା, ଧୀରେନ୍ଦ୍ର ପରିଡ଼ା, ନିରଞ୍ଜନ ମହାରଣା, ସମ୍ପିତ ପରିଡ଼ା, ସୁଦୀପ୍ତ ପରିଡ଼ା ସହାୟତା କରିଥିଲେ । ସ୍ଥାନୀୟ ସରପଞ୍ଚ ମାନସ ପରିଡ଼ା ମଧ୍ୟ ଗାଁରେ ପହଞ୍ଚିଥିଲେ ।

## ବନ୍ଦିତା କଂଗ୍ରେସ ଉପସଭାପତି, ସନ୍ତୋଷ ସାଧାରଣ ସମ୍ପାଦକ ନିଯୁକ୍ତ

**ଯାଜପୁର ଟାଉନ,୨୨।୩ (ପ୍ରଯକ୍ତ ପ୍ରିୟଦର୍ଶନୀ ମହାନ୍ତି)**


ବନ୍ଦିତା ପରିଡା


ସନ୍ତୋଷ ନନ୍ଦ

ଅଖିଳ ଭାରତ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନୂତନ ଭାବେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଭାବେ ବନ୍ଦିତା ପରିଡାଙ୍କୁ ନିଯୁକ୍ତି କରିଛନ୍ତି। ସେହିପରି ଦଳର ସାଧାରଣ ସମ୍ପାଦକ ଭାବେ ସନ୍ତୋଷ ନନ୍ଦଙ୍କୁ ନିଯୁକ୍ତି ମିଳିଛି। ଏହି ନୂତନ ନିଯୁକ୍ତି ପରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଡ. ଅଜୟ କୁମାର, କେସି ବେନୁଗୋପାଳ, ଶରତ ପଟ୍ଟନାୟକ, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ ଓ ମନୋଜ ରାଉତ ପ୍ରମୁଖଙ୍କୁ ଉଭୟେ କୃତଜ୍ଞତା ଜଣାଇବା ସହ ଆଗାମୀ ନିର୍ବାଚନରେ କଂଗ୍ରେସକୁ ବିଜୟୀ କରିବାକୁ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି।

## କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି

■ କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ଅଧିକ ତଥ୍ୟ ଦେବାକୁ ନିବେଦନ କଲେ
■ ସଂସ୍କୃତି ନିର୍ଦ୍ଦେଶକଙ୍କୁ ଭେଟିଲେ ମେୟର

**କଟକ,୨୨।୩ (କାର୍ତ୍ତିକ ସାହୁ)**

ଐତିହାସିକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି ପରେ ଏବେ ଉଠିଛି ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦାବି। ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ପ୍ରସଙ୍ଗରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଶୁକ୍ରବାର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟର ମାନ୍ୟତା ପ୍ରଦାନ ପାଇଁ ଅଧିକ ତଥ୍ୟ ସଂଗ୍ରହ କରି କେନ୍ଦ୍ର ସଂସ୍କୃତି ବିଭାଗ ଜରିଆରେ ଜାତିସଂଘକୁ ପ୍ରଦାନ କରିବା ନିମନ୍ତେ ମେୟର ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି। ଉଭୟଙ୍କ ସାକ୍ଷାତ୍ ଆଲୋଚନାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ମେୟର ଅନୁରୋଧ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସଂସ୍କୃତି ବିଭାଗକୁ ଚିଠି ଲେଖି ଅନୁରୋଧ କରିଥିଲେ। ବର୍ତ୍ତମାନର ମେୟର ତଥା ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ୨୦୨୨ ମସିହାରେ ୯ ଜଣ ଏମ୍‌ପିଙ୍କୁ ନେଇ ତତ୍କାଳୀନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମୀନାକ୍ଷୀ ଲେଖିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୨୨ ମସିହା ବାଲିଯାତ୍ରା ଚାଲିଥିବା ସମୟରେ ସୁଦୂର ଇଣ୍ଡୋନେସିଆର ବାଲି ସହରରୁ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ ବାଲିଯାତ୍ରାର ପ୍ରଶଂସା କରିଥିଲେ। ୨୦୨୪ରେ ଏହି ଜାତୀୟ ମାନ୍ୟତା ପାଇଁ ମେୟର ସିଂ ପୁନର୍ବାର ଅନୁରୋଧ କରିଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ର ସଂସ୍କୃତି ବିଭାଗ ଚିଠି ଦ୍ୱାରା କେନ୍ଦ୍ର ଗୃହ ବିଭାଗକୁ ଅନୁରୋଧ କରିବାକୁ ମେୟର ସିଂ ଚିଠି ଲେଖି ଜଣାଇଥିଲେ। ଏଥିସହ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ମଧ୍ୟ ପୁନର୍ବାର ସଂସଦରେ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ପ୍ରସଙ୍ଗ ଉଠାଇଥିଲେ। ଜାତୀୟ ମାନ୍ୟତା ମିଳି ନ ଥିବାବେଳେ ଏବେ ଜାତିସଂଘ କଟକ ବାଲିଯାତ୍ରାକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ କରିବା ପାଇଁ ଚିଠି ଲେଖିଛନ୍ତି ମେୟର। ଏ ସମ୍ପର୍କରେ କଟକ ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ସହ ଆଲୋଚନା କରି ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ସାକ୍ଷାତ ସମୟରେ ମେୟର ସିଂଙ୍କ ସମେତ ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କ ସହିତ ମେୟର ସୁବାସ ସିଂ ଆଲୋଚନା କରୁଛନ୍ତି।

## ସରିଲା ରଘୁନାଥ ଜୀଉଙ୍କ ମେଳଣ



**ଯାଜପୁରରୋଡ୍,୨୨।୩(ପବିତ୍ର ରଞ୍ଜନ ମହାନ୍ତି)**

ଦୋଳପୂର୍ଣ୍ଣିମା ଅବସରରେ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୧୧ନଂ ୱାର୍ଡ ଚାନ୍ଦମାର ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ୧୨୪ ତମ ମେଳଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ଉତ୍ସବରେ ୭ରୁ ଉର୍ଦ୍ଧ୍ୱ ବିମାନ ଭାଗନେଇଥିଲେ। ଗୁରୁବାର ରାତ୍ର ୧୧ ଟାରେ ଚାନ୍ଦମା ଗ୍ରାମର ଥାନାପତି ରଘୁନାଥ ଜୀଉଙ୍କ ବିମାନ ପ୍ରଥମେ ବାହାରି ଗ୍ରାମ ଭ୍ରମଣ କରି ମେଳଣ ପଡିଆକୁ ବାହାରିଥିଲା। ଏହାପରେ ଚାନ୍ଦମା ତଳସାହିରୁ ଆଉ ଏକ ରାଧାକୃଷ୍ଣଙ୍କ ବିମାନ ଗ୍ରାମ ପରିକ୍ରମା କରିଥିଲା। ଗ୍ରାମବାସୀ ଘର ସମ୍ମୁଖରେ ଚିତା ମୁରୁଜ ସହ କଳସ ସ୍ଥାପନ କରିଥିଲେ। ବିମାନରେ ଠାକୁର ପରିକ୍ରମା କରିବା ସମୟରେ ମହିଳାମାନେ ଭୋଗ ଲାଗି କରି ଶଙ୍ଖ ହୁଳହୁଳିରେ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ବନ୍ଦାପନା କରି ଆନନ୍ଦିତ ହୋଇଥିଲେ। ଶୁକ୍ରବାର ସକାଳୁ କୋରେଇର ତେନ୍ତୁଳି ଖୁଣ୍ଟା, କୁଆଖିଆର ଗୋପାଳପୁର, ପ୍ରଥମା ଖଣ୍ଡି, ଜବରା ଏବଂ ଅନ୍ୟ ସ୍ଥାନରୁ ସୁନ୍ଦର ସାଜସଜ୍ଜା ବିମାନ ସହ କୀର୍ତ୍ତନମଣ୍ଡଳୀ, ଗୋପାଳ ଓଗାଳ, ନୃତ୍ୟ ବାଦ୍ୟ, ଘୋଡାନାଚ, ବାଜା ବାଣ ସହ ବିମାନଗୁଡିକ ଗାଁ ଦାଣ୍ଡରେ ରୋଷଣି କରି ମେଳଣ ଉତ୍ସବ ସ୍ଥଳରେ ପହଞ୍ଚି ଥିଲେ। ଭକ୍ତଙ୍କ ମଧ୍ୟରେ ବିଭିନ୍ନ ରଙ୍ଗର ଅବିର ଖେଳ, ବାଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ସହ ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇଥିଲେ।

# ବେଆଇନ ମାଟି ଚାଲାଣ, ତଦନ୍ତ ଆରମ୍ଭ

ଜଗତ୍‌ସିଂହପୁର, ୨୨।୩
(ପ୍ରମୋଦ କୁମାର ନାୟକ)

ଜଳସମ୍ପଦ ବିଭାଗ ୧୦ନଂ. ଡିଷ୍ଟ୍ରିବ୍ୟୁଟାରିର ଏଲ୍‌ଆଇସି ଅଫିସଠାରୁ ରଶ୍ମି ହଲ୍ ପର୍ଯ୍ୟନ୍ତ ୬.୪୦ କୋଟି ଟଙ୍କା ବ୍ୟୟରେ ବକ୍ସ କଲଭର୍ଟ ନିର୍ମାଣ କାମ ଚାଲିଛି। କାମ ଆରମ୍ଭ ହେବାର ୭ ଦିନ ପର୍ଯ୍ୟନ୍ତ ସୂଚନାଫଳକ ଲଗାଯାଇ ନ ଥିଲା। ଏ ସମ୍ପର୍କରେ ଧରିତ୍ରୀ ସମେତ ଅନ୍ୟ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗ ତରବରିଆ ଭାବେ ଏହା ଲଗାଇବାକୁ ବାଧ୍ୟ ହୋଇଥିଲା। କିନ୍ତୁ ଏହି ଫଳକରେ ପୂର୍ଣ୍ଣ ସୂଚନା ନାହିଁ। ଅନ୍ୟପଟେ କେନାଲ ପାର୍ଶ୍ୱରେ ଥିବା କଂକ୍ରିଟ ଓ ମେଟାଲକୁ ମେଶିନରେ ଖୋଳାଯାଇ ଶଯ୍ୟାରେ ବିଛାଇ କିଣିଥିବା ଦର୍ଶାଇବାକୁ ଅପଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି। କେନାଲ ଗର୍ଭରୁ ମାଟି ଖୋଳି ବିକି ସେ ବାଟରେ ଅର୍ଥ ରୋଜଗାର କରାଯାଉଛି। ଏ ସମ୍ପର୍କିତ ଅଭିଯୋଗ ପରେ ଜଗତ୍‌ସିଂହପୁର ତହସିଲଦାର ତାରେଣୀ ରଞ୍ଜନ ରାୟ ଚେଇଁ ଉଠିଛନ୍ତି। ଗୁରୁବାର କ୍ଷେତ୍ର ପରିଦର୍ଶନ କରିବା ସହ ଆର୍‌ଆଇଙ୍କୁ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତ୍ରୁଟିପୂର୍ଣ୍ଣ ଖନନ ଯୋଗୁ କାଳବୈଶାଖୀରେ କେନାଲ ପାର୍ଶ୍ୱ ୩୩ କି.ମି. ଓ ୧୧ କେ.ଭି. ଖୁଣ୍ଟ ଭୁଶୁଡି ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଥିଲା। ଏ ପରିସ୍ଥିତିରେ ଟାଟା ପାୱାର ଯନ୍ତ୍ରୀମାନେ ଚିନ୍ତାରେ ପଡିଯାଇଥିଲେ। ବିଭାଗୀୟ ଜଗତ୍‌ସିଂହପୁର ଇଲେକ୍ଟ୍ରିକାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ (ବିଦ୍ୟୁତ୍) ଅଶୋକ ଜେନା ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରି କି ଯେ କୌଣସି ସମୟରେ ଅନେକଙ୍କ ଜୀବନ ଯିବାର ଆଶଙ୍କା ଥିବା କହିଛନ୍ତି। ପରିସ୍ଥିତି ଦେଖି ଲୋକେ ଭୟଭୀତ ହୋଇପଡ଼ିଥିବା ବେଳେ ବୁଧବାର ରାତିରୁ ଗୁରୁବାର ଭିତରେ ଠିକାଦାର ୫ଟି ୩୩ କେ.ଭି. ଖୁଣ୍ଟ ମୂଳେ ବାଲି ବସ୍ତା ପ୍ୟାକିଂ କରି ସୁରକ୍ଷା ଦେବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି।

ଅପରପକ୍ଷେ ଜଗତ୍‌ସିଂହପୁର ଜିଲାର ପୁରାତନ ତଥା ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ ଶ୍ରୀକୃଷ୍ଣ (ଏସ୍.କେ.) ଏକାଡେମୀରର ଖେଳପଡ଼ିଆକୁ ପାଖାପାଖି ୧୫ ଦିନ ହେବ ସମ୍ପୃକ୍ତ ଠିକାଦାର ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଠିକାଦାର ପଡ଼ିଆରେ ବାଲି, ଗୋଡି, ମେଟାଲ, ରଡ୍ ଆଦି ଗଚ୍ଛିତ କରି ରଖିଛନ୍ତି। ଏଥିସହ ଏହି ପରିସରରେ ସିମେଣ୍ଟ ଓ ବାଲି ଆଦି ମିଶ୍ରଣ କରି ଜଗତ୍‌ସିଂହପୁର ସହରରେ ଚାଲିଥିବା ୧୦ନଂ. କେନାଲ ବକ୍ସ କଲଭର୍ଟ କାମରେ ବ୍ୟବହାର କରୁଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମାକାନ୍ତ ପତିଙ୍କୁ ପଚାରିବାରୁ ସେ ଉପରୋକ୍ତ ଅଭିଯୋଗକୁ ସ୍ୱୀକାର କରିବା ସହ ଏ ସମ୍ପର୍କରେ ଏସ୍‌ପି, ଆଇଆଇସି, ତହସିଲଦାର ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରି ନ୍ୟାୟଭିକ୍ଷା କରିଥିବା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ ପଡ଼ିଆରେ ସିମେଣ୍ଟ, ବାଲି ଓ ଗୋଡି ଆଦି ମିଶ୍ରଣ କରାଯାଇ କେନାଲ କାମ ପାଇଁ ପରିବହନ ହେଉଛି। ବିଦ୍ୟାଳୟ ବିନା ଅନୁମତିରେ ଏସବୁ ଚାଲିଛି। ଏହାଦ୍ୱାରା ଖେଳପଡ଼ିଆ କ୍ଷତିଗ୍ରସ୍ତ ହେବା ସହ ପିଲାମାନଙ୍କ କ୍ରୀଡ଼ା ପ୍ରଭାବିତ ହେଉଛି। ତେଣୁ ବାଧ୍ୟହୋଇ ସେ ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାସତ୍ତ୍ୱେ କିଛି ସୁଫଳ ମିଳୁ ନାହିଁ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି।


ବକ୍ସ କଲଭର୍ଟର ନିର୍ମାଣ କାର୍ଯ୍ୟ ଚାଲିଛି।

## ବକ୍ସ କଲଭର୍ଟ ନିର୍ମାଣରେ ଦୁର୍ନୀତି ପ୍ରସଙ୍ଗ

- ଏସ୍.କେ. ଏକାଡେମୀ ପଡ଼ିଆ ଜବରଦଖଲ
- କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ଚର୍ଚ୍ଚା
- ପ୍ରଭାବିତ ହେଉଛି ଛାତ୍ରୀଛାତ୍ରଙ୍କ କ୍ରୀଡ଼ା

# ୧୦୦ତମ ଦୋଳ ଉତ୍ସବ ପାଳିତ


ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

ନାଉଗାଁ, ୨୨।୩ (ସୁଧା ବେହୁରା)

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ ଜଳଶ୍ୱରପଡା ଗ୍ରାମର ଶ୍ରୀ ଗୋପୀନାଥ ଜୀଉ ମନ୍ଦିର ପରିସରରେ ଶୁକ୍ରବାର ୧୦୦ତମ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ଆଖପାଖ ଅଞ୍ଚଳର ୮ଟି ଦୋଳ ଆସି ଏକତ୍ରିତ ହୋଇଥିଲେ। ରୀତିନୀତି ଅନୁଯାୟୀ, ପୂଜାର୍ଚ୍ଚନା ପରେ ଗ୍ରାମବାସୀଙ୍କ ତରଫରୁ ପୂଜକମାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବ ୧୯୨୪ରୁ ଆରମ୍ଭ କରାଯାଇଥିଲା। ସେହିପରି ଅଲଣା ପଞ୍ଚାୟତ ଅନ୍ତର୍ଗତ ବେଣାପଡା ଗ୍ରାମରେ ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ଆଖପାଖ ଅଞ୍ଚଳରୁ ୧୦ ଦୋଳ ବିମାନ ଆସି ଏକତ୍ରିତ ହୋଇଥିଲେ। ସେଠାରେ ବିମାନଗୁଡ଼ିକୁ ଯଥାରୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା।

# ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସରେ ଫରେଷ୍ଟର ସମ୍ବର୍ଦ୍ଧିତ



ଅତିଥିମାନେ ଫରେଷ୍ଟରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର, ୨୨।୩ (ଭାସ୍କର ରାଉତରାୟ)

ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ୨୦୨୪ କାର୍ଯ୍ୟକ୍ରମ ଅବସରରେ ଜଙ୍ଗଲ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜନଗର ବନଖଣ୍ଡର କନିକା ରେଞ୍ଜର କାର୍ଯ୍ୟରତ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ମହାକାଳପଡ଼ା ବଡିଘର ବିଟ୍‌ର ଫରେଷ୍ଟ ଗାର୍ଡ ସତ୍ୟଜିତ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ଉତ୍ସବରେ ପିସିସିଏଫ୍ ୱାଇଲ୍ଡ ଲାଇଫ୍ ସୁଶାନ୍ତ ନନ୍ଦ, ପିସିସିଏଫ୍ ଜେନେରାଲ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମେଡାଲ, ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପାଇବା ପରେ ଶୁକ୍ରବାର ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଉଭୟ କର୍ମଚାରୀଙ୍କୁ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିବା ସହ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ୩ ଟ୍ରାକ୍ଟର ଜବତ, ୩ ଗିରଫ

ପାଣିକୋଇଲି, ୨୨।୩ (ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ମୂଳାପାଳ ପଞ୍ଚାୟତ ଅଧୀନ ବୈତରଣୀ ନଦୀର ଶାଳବାରୁ ବାଲି ଚୋରାଚାଲାଣ ଚାଲିଛି। ଏହି ଚୋରା ଚାଲାଣରେ ନିଯୁକ୍ତ ତିନି ଟ୍ରାକ୍ଟର ବିରୋଧରେ ବ୍ୟାସନଗର ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ୩ ଟ୍ରାକ୍ଟରକୁ ଜବତ କରିଛି। ଏଥିସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କରଦା ପଞ୍ଚାୟତ ଅନ୍ତର୍ଗତ ଭକଣ୍ଡରୀ ଗ୍ରାମର ନବଘନ ସେନାପତି(୪୦), ନିହାର ରଞ୍ଜନ ସେନାପତି(୩୮) ଏବଂ କୋରେଇ ଥାନା ଅନ୍ତର୍ଗତ ନୟାପାଟଣା ଗ୍ରାମର ଅମୂଲ୍ୟ ସାହୁ(୪୨)। ଏନେଇ ଥାନାରେ ଏକ ମାମଲା ନଂ.୧୩୭/୨୪ ରୁଜୁ ହୋଇଛି।

# ମାର୍ଚ୍ଚ ୨୫ରୁ ଶ୍ରୀଜଗନ୍ନାଥଙ୍କ ୨୪ ବେଶ, ୫୬ ଭୋଗ ପ୍ରଦର୍ଶନୀ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ସମିତିର ସଦସ୍ୟ ଓ ଅନ୍ୟମାନେ।

ରାହାମା, ୨୨।୩ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶାରଳା ମହାବିଦ୍ୟାଳୟ ରାହାମା ଖେଳପଡ଼ିଆରେ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ସମିତି, ରାହାମା ଆନୁକୂଲ୍ୟରେ ମାର୍ଚ୍ଚ ୨୫ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଚବିଶ ବେଶ, ଛପନ ଭୋଗ ପ୍ରଦର୍ଶିତ ହେବ। ଏଥିସହ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରପ୍ରସାର ନିମନ୍ତେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ମାର୍ଗଦର୍ଶନରେ ରାଷ୍ଟ୍ରୀୟ ଶ୍ରୀ ଜଗନ୍ନାଥ ମହିମା ପ୍ରଚାରକ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ପାଟଯୋଶୀ ମହାପାତ୍ର, ବଡ଼ପଣ୍ଡା, ପୂଜାପଣ୍ଡା ଓ ପୂଜ୍ୟ ସାଧୁସନ୍ଥଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ। ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଭାଗବତ ପ୍ରଚାର ସମିତି ରାହାମା ତାର ଦ୍ୱାଦଶ ବାର୍ଷିକ ଭାଗବତ ସପ୍ତାହ ପାଳନ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ କରିବ। ଏନେଇ ଏକ ପ୍ରସ୍ତୁତି ବୈଠକ ରାହାମା କଲେଜ ବାୟା ମଣ୍ଡପରେ ସାମାଜିକ କର୍ମୀ ଆଡ୍‌ଭୋକେଟ ସୁନାକର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରବିନାରାୟଣ ସାହୁଙ୍କ ଅନୁରୋଧକ୍ରମେ ବ୍ରହ୍ମଚାରୀ ବିଭୁଦତ୍ତ ମହାରାଜ ଉକ୍ତ କାର୍ଯ୍ୟ ନିମନ୍ତେ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ଆଚାର୍ଯ୍ୟ ବିଷ୍ଣୁ ନାରାୟଣ ପାଢ଼ୀ, ରମାକାନ୍ତ ଦାସ ଓ ମହାରଣା ରୋହିତ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ସୋକ୍‌ପିଟ୍ ଟାଙ୍କିରୁ ହରିଣ ଉଦ୍ଧାର



ବାଲିକୁଦା, ୨୨।୩ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତ ଅନ୍ତର୍ଗତ ଦେଉଳୀ ଗାଁରେ ସୋକପିଟ୍ ଟାଙ୍କିରେ ପଡ଼ି ଯାଇଥିବା ଏକ ହରିଣକୁ ଶୁକ୍ରବାର ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରାଯାଇଛି। ହରିଣଟି କେଉଁ ଆଡୁ ଚାଲିଆସି ଉକ୍ତ ଗାଁର ଅରକ୍ଷିତ ରାଉଳଙ୍କ ବାଡ଼ି ପଛ ପାଖରେ ନଳକୂପ ପାଣି ବ୍ୟବହାର ପାଇଁ କରାଯାଇଥିବା ଏହି ଟାଙ୍କିରେ ପଡ଼ିଯାଇଥିଲା। ପରିବାର ଲୋକେ ଅପରାହ୍ନରେ ଏହା ଦେଖି ସ୍ଥାନୀୟ ପିଲାଙ୍କ ସହାୟତାରେ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସମସ୍ୟା ହେବାରୁ ପ୍ରଥମେ ଦମକଳ ବାହାନୀ ଓ ପରେ ହାୱାଖାନା ବନପାଳ ମଙ୍ଗଳ ହେମ୍ବ୍ରମ୍‌ଙ୍କୁ ଖବର ଦିଆଯାଇଥିଲା। ତେବେ ଦମକଳ କର୍ମଚାରୀ ସେଠାରେ ପହଞ୍ଚିବା ପୂର୍ବରୁ ବନ କର୍ମଚାରୀମାନେ ପହଞ୍ଚି ହରିଣଟିକୁ ଉଦ୍ଧାର କରି ଏକ ଡାଲା ଅଟୋ ଯୋଗେ ସାଙ୍ଗରେ ନେଇଯାଇଥିଲେ। ଉଦ୍ଧାର କାର୍ଯ୍ୟରେ ରବୀନ୍ଦ୍ର ବାରିକ, ପିଙ୍କୁଲା ରାଉଳ, ରବୀନ୍ଦ୍ର ରାଉଳ, ଅକ୍ଷୟ ରାଉଳ, ପ୍ରିୟବ୍ରତ ରାଉଳ, ସୌମ୍ୟରଞ୍ଜନ ପରିଡ଼ା, ଗଣେଶ୍ୱର ପରିଡ଼ା, ଧୀରେନ୍ଦ୍ର ପରିଡ଼ା, ନିରଞ୍ଜନ ମହାରଣା, ସମ୍ବିତ ପରିଡ଼ା, ସୁଦୀପ୍ତ ପରିଡ଼ା ପ୍ରମୁଖ ସହାୟତା କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ମାନସ ପରିଡ଼ା ମଧ୍ୟ ଗାଁରେ ପହଞ୍ଚିଥିଲେ।

# ଗିରଫ ୧୦ଜଣ ଜେଲ ଗଲେ

**ବସ୍ତା ଗାନ୍ଧୀ ଛକ ମଦ ଜବତ ଘଟଣା**
- ନଗଦ ୮ ଲକ୍ଷ ଟଙ୍କା ଜବତ

ବସ୍ତା, ୨୨।୩ (ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧି ଛକ ନିକଟ କୁଡ଼ିଆଠାରେ ବସୁନ୍ଧରା ହୋଟେଲ ଉପରେ ଗତ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଚୋରା ୧୫ଶହ ଲିଟର ଦେଶୀ ମଦ, ୮ଟି ବାଇକ, ୭ଟି ମୋବାଇଲ ସହ ହୋଟେଲ ପରିଚାଳକଙ୍କ ସମେତ ୧୦ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ନଗଦ ୮ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଥିଲା। ଏହି ଦେଶୀ ମଦ କାରବାରର ମୁଖ୍ୟ ବାପି ଓ ଟୁନା ଘଟଣାସ୍ଥଳରୁ ଖସି ଫେରାର ହୋଇଯାଇଥିଲେ। ସେମାନେ ଏ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ତେବେ ଗିରଫ ୧୦ଅଭିଯୁକ୍ତଙ୍କୁ ଶୁକ୍ରବାର ବସ୍ତା ବିଚାର ବିଭାଗୀୟ କୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଏହି ଆବେଦନକୁ ଜଜ୍ ମିସ ସିଲଭାସୋ ବଡ଼ ଜେନା ଖାରଜ କରିଦେଇଛନ୍ତି। ଫଳରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବାଲିକୁଦା ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ବାଲିକୁଦା, ୨୨।୩ (ତାପସ ସ୍ୱାଇଁ)

ନିର୍ବାଚନ ପାଇଁ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି ବାଲିକୁଦା ପୋଲିସ। ଶୁକ୍ରବାର ଅପରାହ୍ନରେ ଏନେଇ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଫ୍ଲାଗମାର୍ଚ୍ଚରେ ଥାନା ଏସ୍‌ଆଇ ଏଏସ୍‌ଆଇଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଇଚ୍ଛାପୁରସ୍ଥିତ ପ୍ରାଣକୃଷ୍ଣ ପରିଜା ଉଚ୍ଚ ବିଦ୍ୟାଳୟରୁ ବାହାରି ଏହି ପୋଲିସ ଟିମ୍ ଗୋପାଳପୁର ବଜାର ଦେଇ ବାଲିକୁଦା କାଠଗୋଲା ଛକ, ବାଲିକୁଦା ବଜାର ବସ୍‌ଷ୍ଟାଣ୍ଡ, ହାଟଗଡ଼ା ଛକ ଦେଇ କଣିଆ ବଜାର, ଈଶ୍ୱରପୁର ବଜାର ବ୍ଲକ ଛକ ଓ ପେଟ୍ରୋଲ ପମ୍ପ ଛକ ଦେଇ ବଡ଼ଗାଁ ତେରତାଙ୍ଗ, ନାରଦିଆ ବଜାରରେ ପହଞ୍ଚିଥିଲା। ସେଠାରୁ ବୋରିକିନା ବଜାର ପର୍ଯ୍ୟନ୍ତ ଯାଇଥିଲା। ନିର୍ବାଚନ ସମୟରେ ଯେଉଁଭଳି ଆଇନ ଶୃଙ୍ଖଳା ପରିସ୍ଥିତି ନ ଉପୁଜିବ ସେଥି ପାଇଁ ଦୃଷ୍ଟି ଦେବାକୁ ଏହି ଅବସରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

# କେସିସିଏଲ୍‌ରେ ଦାମବାବୁଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା କୋ-ଅପରେଟିଭ୍ ସୋସାଇଟି ଲିମିଟେଡ୍‌ର ସଦସ୍ୟ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୨୨।୩ (ଜଗନ୍ନାଥ ଧଳ)

ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କର ଶୁକ୍ରବାର ମୃତ୍ୟୁ ହୋଇଛି। ଏଥିପାଇଁ କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସିଆଟି ଲିମିଟେଡ (କେସିସିଏଲ) ପକ୍ଷରୁ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧୭ଟି ଶାଖାରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏ ସମ୍ପର୍କରେ ସଭାପତି ପ୍ରମୋଦ ସାହୁ କହିଛନ୍ତି, ବିଜୁବାବୁଙ୍କ ସମୟରୁ ଦାମବାବୁ ରାଜନୀତିକୁ ଆସିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ତାଙ୍କର ପଦଚିହ୍ନ ସକରାତ୍ମକ ଭାବେ ପ୍ରତିଫଳିତ ହୋଇଛି। ସମାଜସେବାଠାରୁ ଆରମ୍ଭ କରି ସୁସ୍ଥ ସମାଜ ଗଠନ ପାଇଁ ତାଙ୍କର କର୍ମ ଅବିସ୍ମରଣୀୟ ହୋଇରହିବ। ବିଭିନ୍ନ ସମୟରେ ଏହି ସୋସାଇଟିକୁ ସମବାୟ କ୍ଷେତ୍ରରେ ଏକ ସୁନାମଧନ୍ୟ ଅନୁଷ୍ଠାନ ଗଢ଼ିବା ପାଇଁ ସୁପରାମର୍ଶ ମିଳିଥିବା ସଭାପତି ସାହୁ ପ୍ରକାଶ କରିଛନ୍ତି। ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ପରିଚାଳକ ମନୋଜ ସାହୁ ପ୍ରମୁଖ ବିଭିନ୍ନ ଶାଖା ସୋସାଇଟିରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ହିନ୍ଦୀ ନାଟକ 'ଯଯାତି'ରେ ପାରିବାରିକ ବନ୍ଧନର ପବିତ୍ରତା

**ଜାତୀୟ ନାଟକ ମହୋତ୍ସବ**

ପାରାଦୀପ, ୨୨।୩ (ଶରତ ରାଉତ)

ପାରାଦୀପର ଜୟଦେବ ଭବନରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବରେ ଶୁକ୍ରବାର ସନ୍ଧ୍ୟାରେ ହିନ୍ଦୀ ନାଟକ ଯଯାତି ମଞ୍ଚସ୍ଥ ହୋଇଯାଇଛି। ମଧ୍ୟପ୍ରଦେଶ ଭୋପାଳ ହୋମ ଥିଏଟର ଗ୍ରୁପ ଦ୍ୱାରା ପ୍ରଯୋଜିତ ଏବଂ ବାଲେନ୍ଦ୍ର ସିଂଙ୍କ ନିର୍ଦ୍ଦେଶିତ ଯଯାତିରେ ଥିଲା ପାରିବାରିକ ବନ୍ଧନର ପବିତ୍ରତା। ଭାରତୀୟ ସଂସ୍କୃତିରେ ବିବାହ ହେଉଛି ଏକ ଯଜ୍ଞ। ଏଥିରେ ସ୍ତ୍ରୀ ଓ ସ୍ୱାମୀ ସାରା ଜୀବନ ପାଇଁ ପରସ୍ପର ପ୍ରତି ଭଲପାଇବା ଓ ତ୍ୟାଗ କରିଥାନ୍ତି। ସାଂସାରିକ ଜୀବନରେ ଅନେକ ଘଟଣା ପାଇଁ ରାଗ, ଅଭିମାନ ଆଦି ଆସିଥାଏ। ସେତେବେଳେ ଝଗଡ଼ା ମଧ୍ୟ ହୋଇଥାଏ। ପୁଣି ସମାଧାନ ହୋଇଥାଏ। ଏହା ମଧ୍ୟରେ ଥାଏ ପରସ୍ପର ପ୍ରତି ଭଲପାଇବା ଓ ବିଶ୍ୱାସ। ଯେତେବେଳେ ବିଶ୍ୱାସରେ ସନ୍ଦେହ ପଶିଥାଏ ତାହା ବିପଦ ସୃଷ୍ଟି କରେ। ସେମିତି ଘଟଣାକୁ କଳାକାରମାନେ ନିଖୁଣ ଅଭିନୟ ଜରିଆରେ ଦର୍ଶାଇଥିଲେ। ନାଟକରେ ମୁଖ୍ୟ ଚରିତ୍ର ଥିଲା ଯଯାତି ଓ ଦେବଯାନୀ। ଶେଷରେ କଳାକାରମାନଙ୍କୁ ପୋର୍ଟ ଅର୍ଥ ପରାମର୍ଶ ଅଧିକାରୀ ଡି.ଏନ୍. ସୋନ୍ଧି ସମ୍ମାନିତ କରିଥିଲେ। ସେହିପରି ଇଫ୍‌କୋ ସଂସ୍କୃତି ଭବନରେ ଅନ୍ୟ ଏକ ନାଟକ ମିଥ୍ୟାବାଦୀ ମଞ୍ଚସ୍ଥ ହୋଇଥିଲା।


ନାଟକ 'ଯଯାତି'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଗଞ୍ଜାମ,୨୨।୩(ବିଦ୍ୟାଧର ସାହୁ):

ରମ୍ଭା ଥାନା ଅଞ୍ଚଳର ପୋଇରାଣି ପଞ୍ଚାୟତ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ପୋଇରାଣି ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସାମସଙ୍ଗ ଏସି ୨ଟି, ଗୋଟିଏ ଭିସି ଏଲଇଡ଼ିଟିଭି, ଗୋଟିଏ ଏଲଜି ଟିଭି, ଇନଭର୍ଟର ୧ଟି, ଗୋଟିଏ ଭିସି ସାଉଣ୍ଡ ବକ୍ସ, ଭିସି ରିମୋଟ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ରମ୍ଭା ଥାନାରେ ଅଭିଯୋଗ ହୋଇଛି। ଏନେଇ ସରପଞ୍ଚ ରବୀନ୍ଦ୍ର ନାଥ ବେହେରା ଅଭିଯୋଗ ଦେବା ପରେ ପୋଲିସ ନଂ୧୯୭/୨୪ ମାମଲା ରୁଜୁ ହୋଇଛି। ଏସଆଇ ଅମରକାନ୍ତ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି।

### ମହିଳାଙ୍କୁ ବଳାତ୍କାର, ଜଣେ ଅଟକ

ହିଞ୍ଜିଳିକାଟୁ, ୨୨।୩( ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଅଟକ ରଖିଛି। ଅଭିଯୁକ୍ତ ଜଣଙ୍କ ହିଞ୍ଜିଳି ଥାନା ଅନ୍ତର୍ଗତ ଏକ ଗ୍ରାମରେ ତାଙ୍କ ସମ୍ପର୍କୀୟ ଭାଇଙ୍କ ଘରେ ରହିଆସୁଥିଲେ। ଏହାରି ସୁଯୋଗରେ ଭାଉଜଙ୍କୁ ପ୍ରଲୋଭନ ଦେଖାଇ ଦୀର୍ଘ ଦିନ ଧରି ବଳାତ୍କାର କରିଆସୁଥିଲେ। ଅନ୍ୟପକ୍ଷରେ ଏହି ଅନୈତିକ ସମ୍ପର୍କକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଫଳରେ ମହିଳା ଜଣଙ୍କ ସ୍ୱାମୀ ଓ ୨ ପୁଅଙ୍କୁ ଛାଡି କେରଳରେ ରହୁଥିବା ଭାଇଙ୍କ ପାଖକୁ ଚାଲି ଯାଇଥିଲେ। ୨ମାସ ପରେ ମହିଳା ଜଣଙ୍କ ଗାଁକୁ ଫେରିବା ପରେ ପୁଣିଥରେ ଅଭିଯୁକ୍ତ ବଳପୂର୍ବକ ସମ୍ପର୍କ ରଖିବା ପାଇଁ ଉଦ୍ୟମ କରିବାରୁ ସେ ଶୁକ୍ରବାର ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

### ମନ୍ଦିରରୁ ହୁଣ୍ଡି ଚୋରି ଅଭିଯୋଗ

ପାତ୍ରପୁର,୨୨।୩(ଉମା ଚରଣ ନେପାକ)

ଖରିଆଗୁଡା ଫାଣ୍ଡି ଡୁରୁବୁଡି ପଞ୍ଚାୟତ ପୁହୁଣ୍ଡି ଗ୍ରାମର ତୁମ୍ବେଶ୍ୱର ମହାଦେବ ମନ୍ଦିରରୁ ଦାନ ହୁଣ୍ଡି ଚୋରି ହୋଇଛି। ଶୁକ୍ରବାର ସକାଳେ ପୂଜକ ପଦ୍ମନାଭ ରଣା ମନ୍ଦିର ଖୋଲିବା ବେଳେ ହୁଣ୍ଡି ନ ଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇ ଥିଲେ। ଖବରପାଇ ଖାରିଆ ଗୁଡ଼ା ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଚୋରମାନେ ହୁଣ୍ଡିକୁ ମନ୍ଦିର ଠାରୁ ରାସ୍ତା ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିବା ଜଣାପଡିଛି। ହୁଣ୍ଡିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବଂ କିଛି ଅଳଙ୍କାର ଥିବା ପୂଜକ ପୋଲିସରେ ଅଭିଯୋଗ କରିଛନ୍ତି।

### ଭେଣ୍ଡିଂ ଜୋନରେ ଉଠା ପରିବା ବ୍ୟବସାୟୀ

ଗଞ୍ଜାମ,୨୨।୩(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍ଏସିରେ ଦୀର୍ଘ ବର୍ଷ ପରେ ଉଠା ପରିବା ବ୍ୟବସାୟୀଙ୍କ ସମସ୍ୟା ସମାଧାନ ହୋଇଛି। ଶୁକ୍ରବାର ସେମାନଙ୍କୁ ଭେଣ୍ଡିଂ ଜୋନ୍‌ରେ ଥଇଥାନ କରାଯାଇଛି। ଉଠା ଦୋକାନୀଙ୍କୁ ଥଇଥାନ ନିମନ୍ତେ ଦୀର୍ଘ ଦିନ ହେବ ସାନ ବଜାର ସଂଘ ସଭାପତି ସୁଧୀର କୁମାର ପାଢ଼ୀ ଏବଂ ବଡ ବଜାର ସଂଘ ପକ୍ଷରୁ ଦାବି ହୋଇ ଆସୁଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆଙ୍କ ପ୍ରଚେଷ୍ଟାରେ ଉଠା ପରିବା ଦୋକାନୀମାନଙ୍କ ସମସ୍ୟା ସମାଧାନ ହୋଇଛି। ପୂର୍ବରୁ ସେମାନେ ଡହ ଡହ ଖରାରେ ବସି ପରିବା ବିକ୍ରି କରୁଥିଲେ। ବର୍ତ୍ତମାନ ଭେଣ୍ଡିଂଜୋନ ଛାଇରେ ବସି ବ୍ୟବସାୟ କରିପାରୁ ଥିବାରୁ ଇଓଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ନଦୀରୁ ମୃତଦେହ ଜବତ

ପାତ୍ରପୁର,୨୨।୩ (ଉମାଚରଣ ନେପାକ):

ପାତ୍ରପୁର ବ୍ଲକ ନୂଆପେଣ୍ଠ ଗ୍ରାମ ଦେଇ ଯାଇଥିବା ବଗୀ ନଦୀ ପୋଲ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଏସ୍. ବିଶ୍ୱରାଜୁ। ସୂଚନା ଅନୁଯାୟୀ, ଗତ ତିନିଦିନ ତଳେ ନୂଆପେଣ୍ଠ ଗ୍ରାମର ବିଶ୍ୱରାଜୁ ନିଖୋଜ ଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# ଋଣ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ

## ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ



ଏଡିଏମ୍ ଓ ଅନ୍ୟମାନେ।

ଛତ୍ରପୁର,୨୨।୩ (ସନ୍ତୋଷ ପାଢୀ/ଦିଲୀପ ସାମଲ):

ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି ଅଧକ୍ଷତା କରି ବ୍ୟାଙ୍କ ଋଣ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଜିଲାରେ ୩୧ ବ୍ୟାଙ୍କର ୪୩୮ଟି ଶାଖା ରହିଛି। ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ବ୍ୟାଙ୍କଗୁଡିକ ୨୮୫୦୨ କୋଟି ଟଙ୍କା ଜମା ସଂଗ୍ରହ କରିଥିବା ବେଳେ ୨୧୮୯୪ କୋଟି ଟଙ୍କା ଋଣ ପ୍ରଦାନ କରିଛନ୍ତି। କୃଷି ଋଣ କ୍ଷେତ୍ରରେ ୧୧୯ ପ୍ରତିଶତ, ଛୋଟ ଏବଂ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୭୩ ପ୍ରତିଶତ, ଶିକ୍ଷା କ୍ଷେତ୍ରରେ ୪୪ ପ୍ରତିଶତ, ହାଉସିଂ କ୍ଷେତ୍ରରେ ୯୧ ପ୍ରତିଶତ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୪୪ ପ୍ରତିଶତ ଋଣ ଲକ୍ଷ୍ୟ ପୂରଣ କରିଛନ୍ତି। ଏଥିସହ ଜିଲାରେ ଚାଲିଥିବା ସମସ୍ତ ଯୋଜନାର ସଫଳ ରୂପାୟନ ସହ ଋଣ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ଭୁବନେଶ୍ୱର ସ୍ଥିତ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଏଲଡିଓ ସନ୍ତୋଷ କୁମାର ମିଶ୍ର, ଏଡିଏମ୍ କିଶୋର ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ଜଳ ଦିବସ ପାଳିତ


ଶିଶୁ ବିଦ୍ୟା ଭବନରେ ଅତିଥିମାନଙ୍କ ଗହଣରେ ପିଲାମାନେ।

ଭଞ୍ଜନଗର/ବେଲଗୁଣ୍ଠା, ୨୨।୩ (ବାବୁଲା ପ୍ରଧାନ/କୃଷ୍ଣଚନ୍ଦ୍ର ପଟ୍ଟନାୟକ):

ବେଲଗୁଣ୍ଠା ସରସ୍ୱତୀ ଶିଶୁ ବିଦ୍ୟାଭବନ ଏବଂ ସରକାରୀ ବାଲିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଜଳ ଦିବସ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟା ଭବନରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଗୁରୁଜୀ ସୂର୍ଯ୍ୟ ନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ଶୂଳପାଣି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ବନପାଳ ଶରତ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ସରକାରୀ ବାଲିଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟତ୍ରୀ କବିତା କୁମାରୀ ଦେବୀ ପରିଚାଳନା କରିଥିଲେ। ଶୂଳପାଣି ଶତପଥୀ ଏବଂ ଶରତ ମହାନ୍ତି ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କୁ ସଚେତନ ବାର୍ତ୍ତା ପ୍ରେରଣ କରିଥିଲେ। ଜଳ ଓ ପରିବେଶ ବାବଦରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରି କୃତି ଛାତ୍ରୀ, ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ବୁଦୁଲିରେ ୩ ଗାଈକୁ ବାଘ ଖାଇଲା

ଭଞ୍ଜନଗର,୨୨।୩(ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ ରେଞ୍ଜ ବୁଦୁଲିରେ ଆଜକୁ ୩ ଦିନ ହେବ ବାଘ ଆତଙ୍କ ଦେଖାଦେଇଛି। ରାତି ହେଲେ ବାଘ ଜଙ୍ଗଲରୁ ବାହାରି ଗ୍ରାମ ନିକଟ ଭାଲିଆ ବଗିଚାରେ ଥିବା ସନ୍ତୋଷ ଗୌଡଙ୍କ ଗାଈ କୁଆରୀରେ ପଶି ଗାଈକୁ ଆକ୍ରମଣ କରୁଛି। ବୁଧବାର ଦୁଇଟି ଗାଈକୁ ବାଘ ଆକ୍ରମଣ କରି ଖାଇଥିବା ବେଳେ ଗୁରୁବାର ରାତିରେ ଦୁଇଟି ଗାଈକୁ ଆକ୍ରମଣ କରିଥିଲା। ସେଥି ମଧ୍ୟରୁ ଗୋଟିଏ ଗାଈକୁ ବାଘ ଖାଇଥିବା ବେଳେ ଆଉ ଗୋଟିଏ ଗାଈ ଆହତ ହୋଇଛି। ଏହି ଘଟଣା ଶୁକ୍ରବାର ଜଣାପଡ଼ିବା ପରେ ଗ୍ରାମରେ ଆତଙ୍କ ଦେଖାଦେଇଛି। ସମ୍ପୃକ୍ତ ଜଙ୍ଗଲରେ ଏକାଧିକ ବାଘ ଥିବା ଆଶଙ୍କା କରାଯାଉଛି। ବନ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଗାଈର ବ୍ୟବଚ୍ଛେଦ କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅନୁକମ୍ପା ଆପ୍‌ରେ ଚାଷୀଜଣକ ସହାୟତା ପାଇବା ପାଇଁ ଆବେଦନ କରିଛନ୍ତି। ଏନେଇ ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ବନ୍ୟପ୍ରାଣୀ ଆକ୍ରମଣରେ ଗାଈର ମୃତ୍ୟୁ ଘଟିଛି। କିନ୍ତୁ କେଉଁ ବନ୍ୟପ୍ରାଣୀ ଆକ୍ରମଣରେ ଗାଈର ମୃତ୍ୟୁ ଘଟିଛି ସେନେଇ ସଠିକ ଜଣାପଡ଼ିନାହିଁ। ଘଟଣା ସ୍ଥଳରେ ଟ୍ରାପ କ୍ୟାମେରା ଲଗାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ଜଣାପଡ଼ିବ। ସୂଚନାଯୋଗ୍ୟ ଯେ, ଗତ ମାସରେ ଏହି ରେଞ୍ଜର ହାତୀଗୁଡାରେ ବାଘ ଆକ୍ରମଣରେ ଗୋଟିଏ ବଳଦ ମୃତ୍ୟୁ ଘଟିଥିଲା। କିନ୍ତୁ ସେ ସମୟରେ ତତ୍କାଳୀନ ଅଫିସର୍‌ମାନେ ବାଘ ଆକ୍ରମଣକୁ ଖଣ୍ଡନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତାହା କଲରାପତରିଆ ବାଘ ଆକ୍ରମଣ ଘଟଣା ବୋଲି ଜଣେ ଅଧିକାରୀ ଏକ ସଭାରେ କହିଥିଲେ।

### ଦୁର୍ଘଟଣାରେ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ମୃତ୍ୟୁ

ଦିଗପହଣ୍ଡି,୨୨।୩ (ଅଶେଷ ନାଥ ମିଶ୍ର):

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଯମୁନା ନାୟକଙ୍କ ସ୍ୱାମୀ ଅମର ନାୟକଙ୍କ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ତାଙ୍କ ବାଇକ୍‌ରେ ସନ୍ଧ୍ୟା ପ୍ରାୟ ସାଢେ଼ ୫ଟାରେ ପୈତୃକ ଗାଁ ବୋମକେଇରୁ ଟିକିଟି ଅଭିମୁଖେ ଯାଉଥିବା ବେଳେ ରତ୍ନେଶ୍ୱରି ମନ୍ଦିର–ଜକର ଗ୍ରାମ ମଧ୍ୟବର୍ତ୍ତି ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କେ. ନୂଆଗାଁ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ୨ଟିକୁ ଜବତ କରି ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁରେ ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

# କୋଦଳାରେ ଦୋଳଯାତ୍ରା ଆରମ୍ଭ

କୋଦଳା,୨୨।୩ (ଅମିତ କୁମାର ପଟ୍ଟନାୟକ):

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ କୋଦଳାର ଦୋଳଯାତ୍ରା ଆରମ୍ଭ ହୋଇଯାଇଛି। ଚଳିତ ୨୧ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଦୋଳଯାତ୍ରା ଅନୁଷ୍ଠିତ ହେବ। କୋଦଳାର ପାଟଣା ପକ୍ଷରୁ ଦଣ୍ଡିଶ୍ୱର ଏବଂ ଜଗନ୍ନାଥଙ୍କ ପକ୍ଷରୁ ମଦନମୋହନ ଠାକୁର ଉଭୟ ପକ୍ଷର ନଗର ପରିକ୍ରମା ପରେ ଯାତ୍ରା ପଡିଆଠାରେ ଉଭୟ ଠାକୁର ମେଳଣ ହେବେ। ଆସନ୍ତା ୨୪ ତାରିଖରେ ପନ୍ତି ଭୋଗ ଲାଗିବା ପରେ ସୋମବାର ସକାଳ ରାଜାଗ୍ନି ଅନୁଷ୍ଠିତ ହେବ ଏବଂ ସୋମବାର ରାତିରେ ଉଭୟ ଠାକୁର ଯାତ୍ରା ପଡିଆରେ ବିଜେ ହେବା ପରେ ବାଣଯାତ୍ରା ଅନୁଷ୍ଠିତ ହେବ। ହୋଲି ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯାତ୍ରା ସୁପରିଚାଳନା ନିମନ୍ତେ ଯାତ୍ରା କମିଟି ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଛି।

# କ୍ଷେତ୍ରମଣି ବିଦ୍ୟାପୀଠର ବାର୍ଷିକ ଉତ୍ସବ

ଭଞ୍ଜନଗର,୨୨।୩(ବାବୁଲା ପ୍ରଧାନ):



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର ବ୍ଲକ ତୁଳସୀପଲ୍ଲୀ କ୍ଷେତ୍ରମଣି ମଧ୍ୟ ଇଂରାଜୀ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। ଏଥିସହ ଡକ୍ଟର ମଧୁସୂଦନ ମହାପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସେନାବାହିନୀରେ କାର୍ଯ୍ୟରତ ପ୍ରବୀଣ କୁମାର ବିଶ୍ୱାଳ, ଶିବରାମ ପାଢ଼ୀ, ସିଆର୍‌ସିସି ଅନୁପମା ସାହୁ, ଅଶିନୀ କୁମାର ମଲ୍ଲିକ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ତେଜସ୍ୱିତା ଶତପଥୀ ସଭା ସଂଯୋଜନା କରିଥିଲେ।

# ଆମ ସଂସ୍କୃତି, ଆମ ଖେଳନା ପ୍ରସ୍ତୁତି କର୍ମଶାଳା

ଶେରଗଡ, ୨୨।୩(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ଅନ୍ତର୍ଗତ ଡିଙ୍କିଶାଳ କ୍ଲଷ୍ଟରରେ ଆମ ସଂସ୍କୃତି ଓ ଆମ ଖେଳନା ପ୍ରସ୍ତୁତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ଉପେନ୍ଦ୍ର କୁମାର ପାଢ଼ୀ ଯୋଗ ଦେଇଥିଲେ। କୁନି କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପେନସିଲ ମୁନରେ ଚିତ୍ରିତ ସଂସ୍କୃତି ପରମ୍ପରାକୁ ସମସ୍ତେ ବୁଲି ଦେଖିଥିଲେ। ସିଆରସିସି ଆଲୋକ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଡିଙ୍କିଶାଳ କ୍ଲଷ୍ଟରର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ।

# ଶିଶୁ ମନ୍ଦିରରେ ବିଶ୍ୱ କଣ୍ଢେଇ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ବୁଗୁଡ଼ା,୨୨।୩ (କାଳିଚରଣ ଦାଶ):

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ପକ୍ଷରୁ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାରମ୍ଭ ଓ ବୋଧ ଶ୍ରେଣୀର ଶିଶୁମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କଣ୍ଢେଇ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ଆଲଟିଆ ଯୋଗଦେଇ ଶିଶୁମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁମା ପ୍ରତିମା ସାହୁ, ସୁଜାତା ମହାପାତ୍ର ଓ ଅର୍ଚ୍ଚନାମୟୀ ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ବ୍ୟାଙ୍କ ଋଣ ଲୋଭ ଦେଖାଇ ଲୁଟ୍, ୨ ଗିରଫ

ହିଞ୍ଜିଳିକାଟୁ, ୨୨।୩(ଦ୍ୱିତୀକୃଷ୍ଣ ପଣ୍ଡା) :

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ମକରଝୋଳ ଗ୍ରାମରେ ଏକାକୀ ରହୁଥିବା ଜଣେ ମହିଳାଙ୍କୁ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଋଣ କରାଇଦେବା ଲୋଭ ଦେଖାଇ ତାଙ୍କଠାରୁ ୨୨ହଜାର ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ମୁଖ୍ୟ ଅଭିଯୁକ୍ତ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଗୋପାଳପୁର ଗ୍ରାମର ଜ୍ଞାନରଞ୍ଜନ ଦାସ ଓ ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ନିତିଶ ଯାଦବ।
ପ୍ରକାଶ ଯେ, ଗତ ୭ ତାରିଖରେ ସମରଝୋଳ ଗୌଡ ସାହିରେ କନକ ଡାକୁଆ ଘରେ ଏକୁଟିଆ ଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ଜ୍ଞାନରଞ୍ଜନ ଏକ ବାଇକରେ ଆସି କନକଙ୍କୁ ବ୍ୟାଙ୍କର କର୍ମଚାରୀ ବୋଲି ପରିଚୟ ଦେଇ ସାରୁ ଏସବିଆଇ ଶାଖାରୁ ୩ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇଥିବା କହି ବିଶ୍ୱାସ ସୃଷ୍ଟି କରିବା ସହ ଏହି ଟଙ୍କା ପାଇବା ନିମନ୍ତେ ବ୍ୟାଙ୍କ ଖାତା, ଆଧାର କାର୍ଡ, ଧଳା କାଗଜରେ ଦସ୍ତଖତ କରିଥିଲେ। ଉକ୍ତ ଋଣ ଟଙ୍କା ଉଠାଇବା ପାଇଁ ୩୫ ହଜାର ଟଙ୍କା ପ୍ରୋସେସିଂ ଫି' ମାଗିଥିଲେ। ମହିଳା ଜଣଙ୍କ ଘରେ ଥିବା ୨୨ ହଜାର ଟଙ୍କା ଦେଇଥିଲେ। ବଳକା ଟଙ୍କା ପାଇଁ ଘରୁ ୪ ତୋଳା ସୁନା ଅଳଙ୍କାର ଦେଇଥିଲେ। ମହିଳା ଜଣଙ୍କ ଘରେ ତାଲା ପକାଇବାକୁ ଯାଉଥିବା ବେଳେ ଅଭିଯୁକ୍ତ ବାଇକରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ମହିଳାଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୨୨୫/୨୪ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୁଖ୍ୟ ଅଭିଯୁକ୍ତ ଜ୍ଞାନରଞ୍ଜନ ପୂର୍ବରୁ ଠକେଇ ଅଭିଯୋଗରେ ଗଞ୍ଜାମ ଜିଲା କୋଦଳା ଥାନାରେ ୪ଟି, ପୋଲସରା ଥାନାରେ ୨ଟି ଏବଂ ଛତ୍ରପୁର ଥାନାରେ ଗୋଟିଏ ମାମଲାରେ ଜେଲ ଯାଇଥିବା ବେଳେ ତାଙ୍କ ନାମରେ କୋଟିନଡା ଓ ପୁରୁଷୋତ୍ତମପୁର ଥାନାରେ ମଧ୍ୟ ବିଭିନ୍ନ ଠକେଇ ମାମଲା ରହିଥିବା ଜଣାପଡ଼ିଛି। ସେହିପରି ଚୋରି ସୁନା ତରଳାଇ ରଖିବା ଅଭିଯୋଗରେ ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ନିତିଶ ଯାଦବଙ୍କୁ ଗିରଫ କରାଯାଇଛି।

### ୨୯ ୟୁନିଟ ରକ୍ତ ସଂଗୃହୀତ

ବୁଗୁଡ଼ା,୨୨।୩(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୌଡ଼ିଆବରୋଦା ପଞ୍ଚାୟତ ଆନୁକୂଲ୍ୟରେ ସରପଞ୍ଚ ସୁନ୍ଦରୀ ମହାରଥାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ହୋଇଥିବା ଏହି ଶିବିରରେ ୨୯ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏ. କରଡ଼ାବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କାଜଲ ପରିଚ୍ଛାଙ୍କ ତତ୍ତ୍ୱାବଧାନରେ ଭଞ୍ଜନଗର ବ୍ଲଡ଼ ବ୍ୟାଙ୍କର ବିପିନ କୁମାର ପାଣିଗ୍ରାହୀ, ଇତିଶ୍ରୀ ତ୍ରିପାଠୀ, ଆଲୋକ ପାଣିଗ୍ରାହୀ, ସିମାଞ୍ଚଳ ସେଠି, ପ୍ରଭାକର ମହାରଣା ଶିବିରରେ ସହଯୋଗ କରିଥିଲେ। ସରପଞ୍ଚ ପ୍ରତିନିଧି ପ୍ରକାଶ ମହାରଥାଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଆଲୋକ ପ୍ରଧାନ, ସାଗର ସ୍ୱାଇଁ, କଳ୍ପତରୁ ପ୍ରଧାନ, ପ୍ରଶାନ୍ତ ଭୂୟାଁ, ମିଥୁନ ପ୍ରଧାନ, ଭିକାରି ସାହୁ, ବୁଗୁଡ଼ା ମିଡ଼ିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଆସିକା ବିଧାୟିକାଙ୍କ ଜନସମ୍ପର୍କ ଯାତ୍ରା



ବିଧାୟିକା ଓ ଅନ୍ୟ ନେତାମାନେ ଗ୍ରାମ ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି।

କବିସୂର୍ଯ୍ୟନଗର,୨୨।୩ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ବାଲ୍ୟସରା ପଞ୍ଚାୟତ ସଦାବର୍ତ୍ତନ ନୂଆଗାଁରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଶତାଧିକ କର୍ମୀଙ୍କୁ ନେଇ ଜନସମ୍ପର୍କ ପଦଯାତ୍ରା କରିଥିଲେ । ପ୍ରତ୍ୟେକ ଘର ବୁଲି ଲୋକଙ୍କ ଦୁଃଖସୁଖ ବୁଝିଥିଲେ। ଉକ୍ତ ଜନସମ୍ପର୍କ ଯାତ୍ରାରେ ବାଲ୍ୟସରା ସମିତି ସଭ୍ୟା ମମତା ଖଣ୍ଡୁଆଳ, ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ସୁରଥ ପ୍ରଧାନ, ଯୁବନେତା ବ୍ରଜସୁନ୍ଦର ମଲ୍ଲିକ, ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ନିକୁଞ୍ଜ ଚୌଧୁରୀ, ଗଙ୍ଗାଧର ସ୍ୱାଇଁ ପ୍ରମୁଖ ବହୁ ପ୍ରମୁଖ ବିଜେଡି ନେତା ସାମିଲ ହୋଇଥିଲେ।

# ମୋଦି ସରକାର ବିରୋଧରେ କଡ଼ା ମୁକାବିଲାର ସମୟ ଆସିଛି: ରମେଶ

## ଗୋଲାପଲ୍ଲୀଠାରେ କଂଗ୍ରେସର କର୍ମୀ ସମ୍ମିଳନୀ



ଛତ୍ରପୁର, ୨୨।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଛତ୍ରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପାର୍ଟି ପକ୍ଷରୁ ଶୁକ୍ରବାର ଭିକାରୀପଲ୍ଲୀ ଗ୍ରାମ ପଞ୍ଚାୟତର ଗୋଲାପଲ୍ଲୀ ଗ୍ରାମର ଭଗବତୀ ମନ୍ଦିର ନିକଟରେ ଏକ କର୍ମୀ ସମ୍ମିଳନୀ ପୂର୍ବତନ ଛତ୍ରପୁର ବ୍ଲକ କଂଗ୍ରେସ ସଭାପତି ଅବନୀ ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କଂଗ୍ରେସ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହିତ ଗଣତନ୍ତ୍ରକୁ ହତ୍ୟା କରୁଥିବା ମୋଦି ସରକାରଙ୍କ ବିରୋଧରେ ମୁକାବିଲା କରିବାର ଏବେ ଦିନ ଆସିଛି। ଏ ପୁଞ୍ଜିପତିର ମୋଦି ସରକାର ଲୋକଙ୍କୁ ସମସ୍ତ ପ୍ରକାର ହଇରାଣ କରୁଛି। ଗ୍ୟାସ, ପେଟ୍ରୋଲ ଠାରୁ ଆରମ୍ଭ କରି ସମସ୍ତ ସାମଗ୍ରୀ ଦର ଦ୍ୱିଗୁଣିତ କରିଦେଲାଣି। ଗତକାଲି ଅନ୍ୟାୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ କରିଛି। ଏ ସରକାରଙ୍କୁ ଆମେ କଡ଼ା ଜବାବ ଦେବା। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଏକ ଟାଣୁଆ ଓ ଯୁବ ବିଧାୟକ ପ୍ରାର୍ଥୀ ଦିଆଯିବ। ସେହି ପ୍ରାର୍ଥୀଙ୍କୁ କିପରି ବିଜୟୀ କରିବା ସେଥିପାଇଁ ସମସ୍ତେ ଆଜିଠାରୁ ସଙ୍କଳ୍ପ ନେବା ବୋଲି କହିଥିଲେ। ମୁଁ ମୋର ଜୀବନ ଥିଲା ପର୍ଯ୍ୟନ୍ତ କଂଗ୍ରେସରେ ରହିବି ବୋଲି ବିଧାୟକ ଜେନା କହିଥିଲେ। ଛତ୍ରପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତ୍ରିଲୋଚନ ରେଡ୍ଡୀ କଂଗ୍ରେସ ଦଳ ପ୍ରତି ଲୋକଙ୍କ ଭଲ ପାଇବାକୁ ଉପସ୍ଥାପନା କରିଥିଲେ। ଇଜୁ ଆମିନ ଖାନ ସଂଯୋଜନା କରିଥିବା ବେଳେ ପୂର୍ବତନ ନଗର କଂଗ୍ରେସ ସଭାପତି ଜଲାଲ ଖାନ, ଯୁବ କଂଗ୍ରେସ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ରଞ୍ଜିତ ରଥ, ବିଶ୍ୱ ରଞ୍ଜନ ଦାସଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ମହିଳା, ପୁରୁଷ ଏବଂ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମନାଭ ମହାରଣା ଓ ଶିବରାମ ବେହେରା ଅନ୍ୟ ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୩ ଟ୍ରାକ୍ଟର ଜବତ, ୩ ଗିରଫ

ପାଣିକୋଇଲି,୨୨।୩(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ମୂଳାପାଳ ପଞ୍ଚାୟତ ଅଧୀନ ବୈତରଣୀ ନଦୀର ଶାଳବାରୁ ବାଲି ଚୋରାଚାଲାଣ ଚାଲିଛି। ଏହି ଚୋରା ଚାଲାଣରେ ନିଯୁକ୍ତ ତିନି ଟ୍ରାକ୍ଟର ବିରୋଧରେ ବ୍ୟାସନଗର ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ୩ ଟ୍ରାକ୍ଟରକୁ ଜବତ କରିଛି। ଏଥିସହ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କରଦା ପଞ୍ଚାୟତ ଅନ୍ତର୍ଗତ ଭକଣ୍ଡରୀ ଗ୍ରାମର ନବଘନ ସେନାପତି(୪୦), ନିହାର ରଞ୍ଜନ ସେନାପତି(୩୮) ଏବଂ କୋରେଇ ଥାନା ଅନ୍ତର୍ଗତ ନୟାପାଟଣା ଗ୍ରାମର ଅମୂଲ୍ୟ ସାହୁ(୪୨)। ଏନେଇ ଥାନାରେ ଏକ ମାମଲା ନଂ.୧୩୭।୨୪ ରୁଜୁ ହୋଇଥିବା ତଦନ୍ତାଧିକାରୀ ଏସ୍ଆଇ ବିଶ୍ୱରଞ୍ଜନ ଦାସ ସୂଚନା ଦେଇଛନ୍ତି।

# ମଙ୍ଗଳପୁର ସିଏଚ୍ସି ଗୃହ ନିର୍ମାଣରେ ଅନିୟମିତତା

ଯାଜପୁର,୨୨।୩ (ହର୍ଷବର୍ଦ୍ଧନ ବେହେରା)

## ଚେତାବନୀରେ ଯନ୍ତ୍ରୀଙ୍କ ପଦକ୍ଷେପ ସୀମିତ


ମଙ୍ଗଳପୁର ସିଏଚ୍ସି ଗୃହ ନିର୍ମାଣ ଚାଲିଛି।

ଯାଜପୁର ଜିଲା ପାଣିକୋଇଲି ପୂର୍ତ୍ତ ତଥା ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗରେ ବିନା ଟେଣ୍ଡରରେ ଶତାଧିକ ପ୍ରକଳ୍ପ ଅନୁଗତ ଓ ଶାସକ ଦଳ ସମର୍ଥିତ ଠିକାଦାରମାନଙ୍କ ହାତକୁ ଟେକି ଦିଆଯାଇଥିବା ଅଭିଯୋଗ ହୋଇଆସୁଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଏହି ବିଭାଗ ଏଫ୍-ଟୁ ଆଳରେ ବିପୁଳ ସରକାରୀ ଅର୍ଥ ହରିଲୁଟ୍ କରିଥିବା ଅଭିଯୋଗ ହେଉଛି। ହେଲେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦୁର୍ନୀତି କମିବା ବଦଳରେ ଆହୁରି ବଢ଼ିଚାଲିଛି। ଏନେଇ ଯାଜପୁର ଜିଲାରେ ପୁଣି ଏକ ଉଦାହରଣ ଦେଖିବାକୁ ମିଳିଛି। ଜିଲାର ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍ସି)ର ନୂତନ ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାପରେ ବିଞ୍ଝାରପୁର ସେକ୍ସନର ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରଙ୍କୁ କେବଳ ଚେତାବନୀ ଦେଇ ଛାଡ଼ି ଦେଇଥିବା ସୂଚନା ମିଳିଛି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୬ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟରେ ୨୦୨୨-୨୩ରେ ମଙ୍ଗଳପୁର ସିଏଚ୍ସି ନୂତନ ଗୃହ ନିର୍ମାଣ ନିମନ୍ତେ ସରୋଜ କନ୍ଷ୍ଟ୍ରକ୍ସନକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ନିର୍ମାଣ ଚୁକ୍ତି ଅନୁସାରେ ୧୧।୭।୨୦୨୨ରେ ଉକ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୦।୭।୨୦୨୩ରେ ଶେଷ ହେବା କଥା। ମାତ୍ର ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅବଧିର ୮ ମାସ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ଅଧା କାର୍ଯ୍ୟ ମଧ୍ୟ ହୋଇନାହିଁ। ବରଂ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରାରେ ଉକ୍ତ ଗୃହ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ତଦାରଖ ନିମନ୍ତେ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ନ ଆସିବା ଫଳରେ ଠିକାସଂସ୍ଥା ପକ୍ଷରୁ ନିମ୍ନମାନର ଚିପ୍ସ, ବାଲି ବ୍ୟବହାର କରାଯିବା ସହିତ ଧାର୍ଯ୍ୟ ପରିମାଣଠାରୁ ବହୁ କମ୍ ସିମେଣ୍ଟ ଓ ରଡ୍ ବ୍ୟବହାର କରାଯାଉଛି। ପିସି କାରବାର ପାଇଁ ସମ୍ପୃକ୍ତ ଯନ୍ତ୍ରୀ କଡ଼ା କାର୍ଯ୍ୟାନୁଷ୍ଠାନ ଓ ତଦାରଖ କରିପାରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଗୁରୁବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉକ୍ତ ଗୃହର ପ୍ରଥମ ତାଲାର ଛାତପକା କାର୍ଯ୍ୟ ଚାଲୁଥିଲା। ଏଥିରେ ଅତି ନିମ୍ନମାନର ଚିପ୍ସ ଓ କାଦୁଅ ମିଶା ବାଲି ସହ ସିମେଣ୍ଟ ବ୍ୟବହାର ଅତି କମ୍ ହେଉଥିବାର ଦେଖି ସ୍ଥାନୀୟ ଲୋକେ ଯନ୍ତ୍ରୀଙ୍କୁ ଖବର ଦେଇଥିଲେ। ଏଭଳି ଅଭିଯୋଗ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ଠିକାଦାରଙ୍କୁ ଏ ସମ୍ପର୍କରେ ତାଗିଦ କରିଥିବା କହିଛନ୍ତି। ଏହାର ତଦନ୍ତପୂର୍ବକ ଉକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।

# ଭାରତ ଭ୍ରମଣ କରୁଥିବା ଦେଶଭକ୍ତଙ୍କୁ ସମ୍ବର୍ଦ୍ଧନା


ଛାତ୍ରୀଛାତ୍ରଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଦେଶ ଭକ୍ତ ଶିବ କରଣ।

ପାଣିକୋଇଲି,୨୨।୩(ବିକାଶ ମଲ୍ଲିକ)

ଭାରତ ସ୍ୱାଧୀନତା ଲାଗି ନିଜକୁ ସମର୍ପି ଦେଇଥିବା ସଂଗ୍ରାମୀ ଓ ଦେଶ ମାତୃକାର ରକ୍ଷା ନିମନ୍ତେ ନିଜକୁ ବଳିଦାନ ଦେଇଥିବା ଯବାନମାନଙ୍କ ପରିବାର ଦୁଃଖରେ କାଳାତିପାତ କରୁଛନ୍ତି। ହେଲେ ଏଥିପ୍ରତି ସରକାର ଯତ୍ନବାନ ନାହାନ୍ତି। ତେଣୁ ସରକାରଙ୍କୁ ଜାଗ୍ରତ କରିବା ଲାଗି ରାଷ୍ଟ୍ରୀୟ ପ୍ରଚାରକ ପ୍ରେଟିଓଟ ଚିଫ ଅଫ ଚାମ୍ପିୟନର ଦେଶ ଭକ୍ତ ଶିବ କରଣ ଗୌତମ ପତାକା ଧରି ଖାଲି ପାଦରେ ଚାଲିଚାଲି ସାରା ଭାରତ ବୁଲି ଭାରତବାସୀଙ୍କୁ ସଚେତନ କରୁଛନ୍ତି। ଉତ୍ତରପ୍ରଦେଶ ରାଜ୍ୟ ଫତେପୁର ଜିଲା ଖରୋଲି ଗ୍ରାମର ଶିବ କରଣ ୨୦୨୨ ମାର୍ଚ୍ଚ ୨୫ରୁ ନିଜ ଯାତ୍ରା ଆରମ୍ଭ କରିଛନ୍ତି। ସେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ଚଣ୍ଡିଗଡ଼, ହିମାଚଳପ୍ରଦେଶ, ଜମ୍ମୁ କଶ୍ମୀର, ସିଆଚିନ, ପଠାନକୋଟ, ହରିଆଣା, ଦିଲ୍ଲୀ, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପରେ ଏବେ ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ଉକ୍ତ ଦେଶଭକ୍ତ ଗୁରୁବାର ସନ୍ଧ୍ୟାରେ ପାଣିକୋଇଲିଠାରେ ପହଞ୍ଚିବା ପରେ ପାଣିକୋଇଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରାତ୍ରକାଳୀନ ବିଶ୍ରାମ ଲାଗି ବନ୍ଦୋବସ୍ତ କରାଯାଇଥିଲା। ବିଦ୍ୟା ମନ୍ଦିର ପ୍ରଧାନ ଗୁରୁଜୀ ପ୍ରମୋଦ ପଣ୍ଡାଙ୍କ ସମେତ ଅବସରପ୍ରାପ୍ତ ସୈନିକ ତଥା ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ରାଜକିଶୋର ମଲିକ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଯାଜପୁର ଜିଲା ପ୍ରଚାର ପ୍ରମୁଖ ସନ୍ଦୀପ ନାୟକ ଓ ଗୁରୁଜୀ ସଞ୍ଜୟ ବେହେରା ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଶୁକ୍ରବାର ସକାଳୁ ପୁଣି ଶିବ କୁମାର ନିଜ ଯାତ୍ରା ଆରମ୍ଭ କରିଛନ୍ତି। ସେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, କର୍ଣ୍ଣାଟକ ଓ ପରେ କେରଳ ଯାତ୍ରା କରିବେ। ଶେଷରେ ରାଷ୍ଟ୍ରପତିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି।

# ବେଆଇନ ହମ୍ପ୍ସ ନେଲା ଜୀବନ

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯାଜପୁର ଟାଉନ,୨୨।୩ (ପ୍ରଯକ୍ତ ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର-ବରୁଆଁ ୨୦ନଂ. ଜାତୀୟ ରାଜପଥର ଗୋଖନା ଛକ ପେଟ୍ରୋଲ ପମ୍ପ ନିକଟରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ କୁଆଖିଆ ଥାନା ନରସିଂହପୁର ଗ୍ରାମର ଗଙ୍ଗାଧର ବେହେରାଙ୍କ ପୁଅ ମାନସ ବେହେରା(୨୮) ବୋଲି ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନରେ ଏକ ବାଇକ(ଓଡି-୦୪-୭୩୭୯) ଯୋଗେ ସମ୍ପୃକ୍ତ ଯୁବକ ଯାଜପୁରଟାଉନରୁ ବରୁହାଁ ଅଭିମୁଖେ ଯାଉଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍(ଓଡି-୦୫-ବିଆର-୦୩୨୬) ବାଇକକୁ ଧକ୍କା ଦେବାସହ ଯୁବକଙ୍କୁ କିଛି ବାଟ ଘୋଷାରି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଗାଡ଼ିର ପିଛା କରିଥିଲେ ମଧ ଧରି ପାରି ନ ଥିଲେ। ଗାଡ଼ିଟି କଟେରି ଗାଁ ଅଞ୍ଚଳର ବୋଲି ପରେ ଲୋକେ ଜାଣିବାକୁ ପାଇଥିଲେ। ତେବେ ସେଠାରେ ଥିବା ପେଟ୍ରୋଲ ପମ୍ପ ମାଲିକ ବେଆଇନଭାବେ ନିଜର ବ୍ୟବସାୟୀକ ସ୍ୱାର୍ଥ ଦୃଷ୍ଟିରୁ ହମ୍ପସ ନିର୍ମାଣ କରିଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଓ ସରପଞ୍ଚ ଅଭିଯୋଗ କରିଥିଲେ। ପରେ ଉତ୍ୟକ୍ତ ଲୋକେ ତେଲ ଟାଙ୍କି ମାଲିକଙ୍କୁ ଘେରିବା ସହ ରାସ୍ତାରୋକୋ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯାଜପୁର ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ମୃତକଙ୍କ ପରିବାରକୁ ଟାଙ୍କି ମାଲିକ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ତେଲ ଟାଙ୍କି କ୍ୟାମେରାରେ ଦୁର୍ଘଟଣାର ପୁରା ଚିତ୍ର ରହିଛି ବୋଲି ଲୋକେ କହିଛନ୍ତି।


ଦୁର୍ଘଟଣାସ୍ଥଳରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସଭାରେ ଯୋଗଦେଇଥିବା ଅତିଥି।

ସିଂହପୁର,୨୨।୩(ଅନଙ୍ଗ ଉଦୟ ବେଉରିଆ)

ପାରି ନୂଆପଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବା ସହ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଗୋପାଳକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଳି ରାଜା ବ୍ରଜକେଶରୀ ଦେବ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ବିଭାଗୀୟ ଅଧିକାରୀ ଚକ୍ରଧର ବେହେରା, ପ୍ରଧାନଶିକ୍ଷକ କରୁଣାକର ସାମଲ, ଆଳି ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଓ ସାମାଜିକ କର୍ମୀ ଗୋବର୍ଦ୍ଧନ ବରଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତି ଯଥା ; ମହେଶ୍ୱର ନନ୍ଦ, ରତ୍ନାକର ସ୍ୱାଇଁ, ଚନ୍ଦ୍ରଶେଖର ଜଗତି, ଗୋବର୍ଦ୍ଧନ ବରଜ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗଙ୍ଗାଧର ରାଉତ, ପୀତାମ୍ବର ବେହେରା ଓ ପ୍ରହଲ୍ଲାଦ ମାଖାନ ପ୍ରମୁଖଙ୍କୁ ଉତ୍ତରୀୟ, ମାନପତ୍ର ଓ ଗୋପବନ୍ଧୁଙ୍କ ତୈଳଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକ ଓ ସାଥିମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପ୍ରଶାନ୍ତ ବେହେରା, ସଞ୍ଜୟ ବରଜ, ସହଦେବ ସିଂ ଓ ପ୍ରାକ୍ତନ ଶିକ୍ଷାଅଧିକାରୀ ନରହରି ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ କରୁଣାକର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଗିରଫ ୧୦ଜଣ ଜେଲ୍ ଗଲେ

ବସ୍ତା, ୨୨।୩(ହରିଶଙ୍କର ପାଢୀ)

## ବସ୍ତା ଗାନ୍ଧୀ ଛକ ମଦ ଜବତ ଘଟଣା

■ ନଗଦ ୮ ଲକ୍ଷ ଟଙ୍କା ଜବତ

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗାନ୍ଧି ଛକ ନିକଟ କୁଡ଼ିଆଠାରେ ବସୁନ୍ଧରା ହୋଟେଲ ଉପରେ ଗତ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଚୋରା ୧୫ଶହ ଲିଟର ଦେଶୀ ମଦ, ୮ଟି ବାଇକ, ୭ଟି ମୋବାଇଲ ସହ ହୋଟେଲ ପରିଚାଳକଙ୍କ ସମେତ ୧୦ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ନଗଦ ୮ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଥିଲା। ଏହି ଦେଶୀ ମଦ କାରବାରର ମୁଖ୍ୟ ବାପି ଓ ଟୁନା ଘଟଣାସ୍ଥଳରୁ ଖସି ଫେରାର ହୋଇଯାଇଥିଲେ। ସେମାନେ ଏ ପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ତେବେ ଗିରଫ ୧୦ଅଭିଯୁକ୍ତଙ୍କୁ ଶୁକ୍ରବାର ବସ୍ତା ବିଚାର ବିଭାଗୀୟ କୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଥିଲା। କିନ୍ତୁ ଏହି ଆବେଦନକୁ ଜଜ୍ ମିସ ସିଲଭାସା ବଡ଼ ଜେନା ଖାରଜ କରିଦେଇଛନ୍ତି। ଫଳରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହିମାଂଶୁଙ୍କ ନେତୃତ୍ୱରେ କର୍ମୀ ସମ୍ମିଳନୀ



ଭାଜପା କର୍ମୀମାନେ ପଦଯାତ୍ରା କରୁଛନ୍ତି।

କାଏମା,୨୨।୩(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ଭାଜପା ନେତା ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୪ ଓ ୧୫ ନମ୍ବର ଜୋନ୍ରେ ଶୁକ୍ରବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୧୫ ନମ୍ବର ଜୋନର ନରସିଂହପୁର ପଡ଼ିଆଠାରେ ଅନୁଷ୍ଠିତ ସମ୍ମିଳନୀରେ ବହୁ ଭାଜପା କର୍ମୀ ଏକଜୁଟ ହୋଇଥିଲେ। ପରେ ସେମାନେ ଏକ ବିଶାଳ ପଦଯାତ୍ରା ମାଧ୍ୟମରେ କାଏମା ବଜାର ଦେଇ ୧୪ ନମ୍ବର ଜୋନର ଅଚ୍ୟୁତପୁର ପଡ଼ିଆଠାରେ ପହଞ୍ଚିଥିଲେ। କାଏମା ବଜାରରେ ଭାଜପା ନେତା ହିମାଂଶୁଙ୍କୁ ଲୋକେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଚ୍ୟୁତପୁର ପଡ଼ିଆ ସଭାମଞ୍ଚରେ ସାହୁ ପହଞ୍ଚି କହିଥିଲେ, ଯେବେଠୁ ଭାଜପାରେ ସାମିଲ ହୋଇଛନ୍ତି ସେବେଠୁ ସଂଗ୍ରାମ ଆରମ୍ଭ ହୋଇଛି। ଆଗକୁ ବି ଚାଲିବ ଓ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଧର୍ମଶାଳାରେ କେବଳ ଭାଜପା ଆସିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେହିପରି ଅନ୍ୟ ନେତା ଓ କର୍ମୀମାନେ ଯୋଗଦେଇ ନିଜ ମତପ୍ରକାଶ କରିଥିଲେ।

# ଶ୍ୱଶୁରଙ୍କୁ ମାଡ଼ ଅଭିଯୋଗରେ ଜ୍ୱାଇଁ ଅଟକ

ପାଣିକୋଇଲି,୨୨।୩(ବିକାଶ ମଲ୍ଲିକ)

ଶ୍ୱଶୁରଙ୍କୁ ଜ୍ୱାଇଁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ନିମପାଟଣା ଗ୍ରାମରେ ଏହି ଘଟଣା ଘଟିଛି। ଜ୍ୱାଇଁ କୃଷ୍ଣଚନ୍ଦ୍ର ସାହୁଙ୍କ ବିରୋଧରେ ଏପରି ଅଭିଯୋଗ କରିଛନ୍ତି ତାଙ୍କ ଶଶୁର ଭୀମସେନ ସାହୁ। ସେ ଦର୍ଶାଇଛନ୍ତି ଯେ, ଜ୍ୱାଇଁଙ୍କ ପରକୀୟା ପ୍ରୀତି ରହିଛି। ତେଣୁ ସେ ନିଜ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହୁ ଗାଳିଗୁଲଜ କରିଥାନ୍ତି। ବିଭିନ୍ନ ସମୟରେ ଆତଙ୍କ ମଧ ଖେଳାଇଥାନ୍ତି। ଭୀମସେନ ଏହାକୁ ବିରୋଧ କରିବାରୁ ସେ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଛନ୍ତି।

# କଲେଜ୍ ଛାତ୍ରୀ ଅପହରଣକାରୀଙ୍କୁ ୨୦ ବର୍ଷ ଜେଲ୍

ଯାଜପୁର ଟାଉନ,୨୨।୩(ପ୍ରଯକ୍ତ ପ୍ରିୟଦର୍ଶିନୀ ମହାନ୍ତି)

ନାବାଳିକା କଲେଜ୍ ଛାତ୍ରୀଙ୍କୁ ଅପହରଣ ଓ ପରେ ବଳାତ୍କାର ମାମଲାରେ ଯାଜପୁରର ଆଡହକ ଏଡିଜେ ତଥା ପୋକ୍ସୋ ଜଜ୍(୨) ବିଜୟ କୁମାର ଜେନା ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହିତ ୧୦ ହଜାର ଟଙ୍କା ଜରିମାନା କରି ଶୁକ୍ରବାର ଏକ ରାୟ ପ୍ରକାଶ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହିତ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଥାନା ଅଞ୍ଚଳର ଏକ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀରେ ପଢୁଥିବା ବିଞ୍ଝାରପୁର ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଛାତ୍ରୀଙ୍କୁ ୨୦୧୯ ଅକ୍ଟୋବର ୧୮ରେ ବିଞ୍ଝାରପୁର ଥାନା ଅଧୀନ ଇଞ୍ଜନପୁର ଅଞ୍ଚଳର ଶ୍ୟାମ ସୁନ୍ଦର ବାରିକ ଅପହରଣ କରି ନେଇଥିଲେ। ସେ ତାଙ୍କୁ ପ୍ରଥମେ ଯାଜପୁରରୋଡ ପରେ କଟକ ଏବଂ ଶେଷରେ ବାଙ୍ଗାଲୋରକୁ ନେଇ ପଳାଇଥିଲେ। ସେଠାରେ ପ୍ରାୟ ୨ ମାସ ରଖି ବଳାତ୍କାର କରିବା ପରେ ୨୦୧୯ ଡିସେମ୍ବର ୨୦ରେ ଘରକୁ ଫେରୁଥିଲେ। ପୋଲିସ ଯାଜପୁରରୋଡ ରେଳଷ୍ଟେଶନ ଅଞ୍ଚଳରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ଉଦ୍ଧାର ନାବାଳିକାଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ମୋଟ ୧୧ ଜଣଙ୍କ ସାକ୍ଷ୍ୟ ଓ ବୟାନକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ପାଳିତ

କଳିଙ୍ଗନଗର,୨୨।୩(ଶୁଭାଶିଷ ରାଉତ)

ଟାଟା ଷ୍ଟିଲ କଳିଙ୍ଗନଗର(ଟିଏସ୍କେ) କାରଖାନା ପରିସରରେ ୫୩ତମ ଜାତୀୟ ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଟିଏସ୍କେର ଉପସଭାପତି(ଅପରେଶନ) ରାଜୀବ କୁମାର, ସମ୍ମାନିତ ଅତିଥି ଭାବେ ଟାଟା ଷ୍ଟିଲର ସେଫ୍ଟି, ହେଲ୍ଥ ଆଣ୍ଡ ସଷ୍ଟେନେବିଲିଟି (ଏସ୍ଏଚ୍ଏସ୍)ର ଉପସଭାପତି ରାଜୀବ ମଙ୍ଗଲ, ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନ(ଟିଏସ୍କେଡବ୍ଲ୍ୟୁୟୁ)ର ସଭାପତି ରବୀନ୍ଦ୍ର ଜାମୁଦା, ଟାଟା ଷ୍ଟିଲ ସୁରକ୍ଷା (ଆଇଆଣ୍ଡଏସଇ) ବିଭାଗର ମୁଖ୍ୟ ନୀରଜ ସିହ୍ନା, ଟିଏସ୍କେର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବ୍ୟବସାୟୀ ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ମାସ ଓ ଜାତୀୟ ନିରାପତ୍ତା ସପ୍ତାହରେ ଆୟୋଜିତ କୁଇଜ୍ ଏବଂ ପୋଷ୍ଟର ମେକିଂ ପ୍ରତିଯୋଗିତା ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

# ଟାଟା ଷ୍ଟିଲ୍ ପକ୍ଷରୁ ଡମଶାଳ ନାଳ ସଫେଇ

କାଳିଆପାଣି,୨୨।୩(ଅସିତ ମହାନ୍ତ)



ଟାଟାଷ୍ଟିଲ କର୍ମଚାରୀମାନେ ଡମଶାଳ ନାଳ ସଫେଇ କରୁଛନ୍ତି।

ଟାଟାଷ୍ଟିଲ ପକ୍ଷରୁ ବିଶ୍ୱ ଜଳ ଦିବସ ଅବସରରେ ଶୁକ୍ରବାର ସ୍ଥାନୀୟ ଡମଶାଳ ନାଳ ସଫେଇ କରାଯାଇଛି। କମ୍ପାନୀର ସୁକିନ୍ଦା, ସାରୁଆବିଲ ଓ କମର୍ଦ୍ଦା କ୍ରୋମାଇଟ ଖଣିର କର୍ମଚାରୀମାନେ ଏକାଠି ହୋଇ ସକାଳୁ ନାଳରୁ ଅଳିଆଆବର୍ଜନା ଉଠାଇବା ସହ ନାଳର ସ୍ୱଚ୍ଛତା ପାଇଁ ଜଳସ୍ରୋତର ଦୁଇ ପାର୍ଶ୍ୱକୁ ଝାଡୁ ଦ୍ୱାରା ପରିଷ୍କାର କରିଛନ୍ତି। କର୍ମଚାରୀଙ୍କ ଏହି ସ୍ୱେଚ୍ଛାସେବୀ ଉପକ୍ରମରେ ଖୁସି ପ୍ରକାଶ କରି ଟାଟାଷ୍ଟିଲର(ଏଫ୍ଏମ୍ଡି) ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ପଙ୍କଜ ସତିଜା କହିଛନ୍ତି, ଜୀବଜଗତ ପାଇଁ ଜଳର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବଞ୍ଚିବା ପାଇଁ ସମସ୍ତ ଜୀବ ପାଣି ଉପରେ ନିର୍ଭର କରନ୍ତି। ତେଣୁ ସ୍ୱଚ୍ଛପାନୀୟ ଜଳର ମହତ୍ତ୍ୱ ଏବଂ ଏହାର ନିରନ୍ତର ଯୋଗାଣ ଉପରେ ସଚେତନତା ଓ ପ୍ରସାର ଲାଗି ପ୍ରତି ବର୍ଷ ମାର୍ଚ୍ଚ ୨୨ରେ ବିଶ୍ୱ ଜଳ ଦିବସ ପାଳନ କରାଯାଏ। ଏଥିରେ ବିଶ୍ୱ ଜଳ ସମସ୍ୟା ଉପରେ ବିଶ୍ୱବାସୀଙ୍କ ଧ୍ୟାନ ଆକର୍ଷଣ କରାଯାଏ। ଜଳ ଉତ୍ସ ପରି ପ୍ରାକୃତିକ ସମ୍ପଦଗୁଡ଼ିକର ରକ୍ଷଣାବେକ୍ଷଣ ତଥା ସଂରକ୍ଷଣ ସମସ୍ତଙ୍କ ପାଇଁ ନିତାନ୍ତ ଜରୁରୀ। ପୃଥିବୀବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ସମ୍ପଦ ହୋଇଥିବାରୁ ଏବେଠାରୁ ଏହାର ସଂରକ୍ଷଣ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ରହିଛି। ଆମ ଆଖପାଖରେ ଥିବା ଜଳାଶୟଗୁଡ଼ିକର ଠିକ ସଞ୍ଚାଳନ ପାଇଁ ଆମ ପ୍ରତିବଦ୍ଧତା ଆଗକୁ ମଧ୍ୟ ଏପରି ଜାରି ରହିବ ବୋଲି ସେ ମତ ରଖିଛନ୍ତି। ସଫେଇ ଅଭିଯାନ ପରେ କମ୍ପାନୀର କର୍ମଚାରୀମାନେ ସ୍ଥାନୀୟ ସ୍କୁଲ ପିଲାମାନଙ୍କୁ ନେଇ ଏକ ସଚେତନତା ଅଧିବେଶନ କରିଥିଲେ। ଏଥିରେ ଚଳିତ ବର୍ଷ ବିଷୟ 'ଋତୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା' ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଭାଗ ନେଇଥିଲେ। ଏଫ୍ଏମ୍ଡି ଖଣି ପରିଚାଳନା ମୁଖ୍ୟ ଶମ୍ଭୁନାଥ ଝା, ସୁକିନ୍ଦା ଖଣି ମୁଖ୍ୟ ଦେବରାଜ ତିୱାରୀ, କମର୍ଦ୍ଦା, ସାରୁଆବିଲ ଖଣି ମୁଖ୍ୟ ନବୀନ ଶ୍ରୀବାସ୍ତବ, ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ଏଏପିର ବିକ୍ଷୋଭ

**କେନ୍ଦ୍ରାପଡ଼ା, ୨୨।୩ (ଜଗନ୍ନାଥ ଧଳ)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଏନ୍‌ଫୋର୍ସ ଡିପାର୍ଟମେଣ୍ଟ ଗୁରୁବାର ରାତିରେ ଗିରଫ କରିଛି। ଏହାର ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲା ଆମ ଆଦମୀ ପାର୍ଟି (ଏଏପି) ପକ୍ଷରୁ ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡାଙ୍କ ନେତୃତ୍ୱରେ ସହରର ତିନିମୁହାଣୀଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ସମ୍ପାଦକ ଅଶୋକକୁମାର ତ୍ରିପାଠୀ କହିଛନ୍ତି, କେନ୍ଦ୍ରରେ ଥିବା ଭାଜପା ସରକାରର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଭାବେ ଏଏପି ଅଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ଥିବା ତ୍ରୁଟି ଧରିବା ଓ ଏଏପିର ଜନହିତକାରୀ ଯୋଜନାରେ ସଫଳ ହେବା ଶାସକ ଭାଜପା ପାଇଁ କଷ୍ଟ ହୋଇଛି। ନିକଟରେ ଇଲୋକ୍ଟୋରାଲ ବଣ୍ଡ ପାଇଁ ଭାଜପା ଏବେ ସାଧାରଣ ଜନତାଙ୍କ ପ୍ରଶ୍ନବାଣରେ ଛନ୍ଦି ହୋଇଛି। ଚାନ୍ଦା ଆଦାୟ କରିବା ଘଟଣା ଲୋକଲୋଚନକୁ ଆସିଛି। ଏପରି ଦୁର୍ନୀତିକୁ ଘୋଡାଇବାକୁ ଏଏପି ଉପରେ କେନ୍ଦ୍ର ସରକାର ବିଭିନ୍ନ ଉପାୟରେ ଆକ୍ରମଣ ଜାରି ରଖିଛି। ଆସନ୍ତା ସାଧାରଣ ନିର୍ବାଚନରେ ବିରୋଧୀଙ୍କୁ ଦୂରେଇ ଦେବାକୁ କରୁଥିବା ଚେଷ୍ଟା ଆଦୌ ସଫଳ ହେବନାହିଁ। ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଗିରଫ ଗଣତନ୍ତ୍ର ପ୍ରତି ଉପହାସ ବୋଲି ରାଜ୍ୟ ସମ୍ପାଦକ ତ୍ରିପାଠୀ କହିଛନ୍ତି। ଏଥିରେ କର୍ମକର୍ତ୍ତାଙ୍କ ସହ ବାନାମ୍ବର ସାହୁ, ରୁଦ୍ରପ୍ରସାଦ ବେହେରା, ବୈବମନୁ ବେହେରା, ସେକ୍ ଅବଦୁଲ ସବିର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ପଲିଥିନ୍, ଥର୍ମୋକୁଲ୍ ବ୍ୟବହାର ବଢୁଛି



ପଟ୍ଟାମୁଣ୍ଡାଇ ସହରରେ ରାସ୍ତା ପାର୍ଶ୍ୱରେ ପଡିଥିବା ପଲିଥିନ, ଥର୍ମୋକୁଲ ପଡି ରହିଛି।

**ପଟ୍ଟାମୁଣ୍ଡାଇ, ୨୨।୩ (କଳ୍ପତରୁ ନାୟକ)**

- ପରିବେଶ ହେଉଛି ପ୍ରଦୂଷିତ
- ପଟ୍ଟାମୁଣ୍ଡାଇ ପୌରପାଳିକା

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ ପଲିଥିନ୍ ଏବଂ ଥର୍ମୋକୁଲ ବ୍ୟବହାର ଦିନକୁଦିନ ବଢ଼ିବାରେ ଲାଗିଛି। ଫଳରେ ଏହାର ପ୍ରଭାବରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପଟ୍ଟାମୁଣ୍ଡାଇ ବଜାର ଡେଲି ମାର୍କେଟ, କଲେଜ ରୋଡ, ମଦ ଦୋକାନ ପାଖ କେନାଲ ଓ ବସ୍‌ଷ୍ଟାଣ୍ଡ ନିକଟରେ ବ୍ୟବହାର କରାଯାଇଥିବା କୁଢ଼କୁଢ଼ ପଲିଥିନ ଗ୍ଲାସ ଓ ଥର୍ମୋକୁଲ ଥାଳି, ଗିନା ପଡିଛି। ବଜାରରେ ଏହା ଖୁଲମଖୁଲା ବିକ୍ରି ଓ ବ୍ୟବହାର ହେଉଛି। ହୋଟେଲ, ପାନ ଦୋକାନ, ଜଳଖିଆ ଦୋକାନ, ପନିପରିବା, ତେଜରାତି, ମାଛ, ମାଂସ ଦୋକାନରେ ପଲିଥିନ୍ ଓ ଥର୍ମୋକୁଲ ଥାଳି, ଗିନା ବ୍ୟବହାର କରାଯାଉଛି। ଖାଲୁଆ ଜାଗାରେ ପଲିଥିନ୍ ପଡ଼ିବା ସହ ଏଣେତେଣେ ଉଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି।

ସର୍ବସାଧାରଣ ରାସ୍ତାରେ ପଲିଥିନ ଜମି ରହିବାରୁ ସେଥିରୁ ଦୁର୍ଗନ୍ଧ ବାହାରୁଛି। କେନାଲରେ ପଡି ରହି ଜମିଥିବା ପାଣି ନିଷ୍କାସନରେ ଅସୁବିଧା ସୃଷ୍ଟି କରୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୌର ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଦିନକୁଦିନ ପଲିଥିନ୍ ବେପାର ଜମୁଛି। ସକାଳୁ ପୌରସଂସ୍ଥାର ସ୍ୱଚ୍ଛ ସବାରି ଗାଡ଼ି ସାହି ଗଳିକନ୍ଦିରେ ବୁଲୁଥିବାବେଳେ ସେଥିରେ ଲାଗିଥିବା ଡାକବାଜି ଯନ୍ତ୍ରରେ ସ୍ୱଚ୍ଛତାକୁ ନେଇ ସଙ୍ଗୀତ ବାଜୁଛି। କିନ୍ତୁ ସହରର ବିଭିନ୍ନ ସ୍ଥାନରେ ଏବେ ପଲିଥିନ ଗ୍ଲାସ ଓ ଥର୍ମୋକୁଲ ଅଳିଆ ଆବର୍ଜନା ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ପରିବେଶ ସୁରକ୍ଷା ଆଇନ ଧାରା ୧୫ ଓ ୧୬/୧୯୮୬ ଅନୁଯାୟୀ ୨୦ ମାଇକ୍ରୋନ୍‌ରୁ କମ୍ ପଲିଥିନ୍ ଆମଦାନୀ, ଗଚ୍ଛିତ ଓ ବିକ୍ରୟ ଅପରାଧ। ଏଥିସହ ପ୍ରଦୂଷଣମୁକ୍ତ କରିବାକୁ ପଲିଥିନ ବ୍ୟବହାର ନିଷେଧ ହୋଇଛି।

ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପଲିଥିନ ମୁକ୍ତ ଓ ସଚେତନତା ସୃଷ୍ଟି କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରୁ ପୌର ପରିଷଦ ପକ୍ଷରୁ ସମସ୍ତ ଦୋକାନୀ ଓ ହୋଲସେଲରଙ୍କୁ ନୋଟିସ କରାଯାଇଛି। ଯଦି ନିର୍ଦ୍ଦେଶକୁ କେହି ଅବମାନନା କରନ୍ତି, ତେବେ ସେମାନଙ୍କୁ ଜରିମାନା କରାଯିବ ବୋଲି ସେ କହିଛନ୍ତି।

## ଇସି ମହାସଂଘର ଭୋଟ ବର୍ଜନ ଚେତାବନୀ




ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ତୁଳସୀକ୍ଷେତ୍ର ଏକ୍‌ଜିକ୍ୟୁଟିଭ୍ କମିଟିର ସଦସ୍ୟମାନେ।

**କେନ୍ଦ୍ରାପଡ଼ା, ୨୨।୩ (ଜଗନ୍ନାଥ ଧଳ)**

ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାର ମିଶନ ଶକ୍ତି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେବେ ପଞ୍ଚାୟତ ମହାସଂଘର ମାଷ୍ଟର ବୁକ କିପର (ଏମ୍‌ବିକେ)ଙ୍କ ମନୋମୁଖୀ କାର୍ଯ୍ୟ ଓ ସରକାରୀ ଅବହେଳା ତୃଣମୂଳସ୍ତରରେ କାର୍ଯ୍ୟକ୍ରମ ପହଞ୍ଚାଇବାରେ ବାଧା ସୃଷ୍ଟି କରୁଛି। ଏପରି ଅଭିଯୋଗ ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତସ୍ଥ ତୁଳସୀକ୍ଷେତ୍ର ଏକ୍‌ଜିକ୍ୟୁଟିଭ୍ କମିଟି (ଇସି)ର ସଦସ୍ୟାମାନେ ଶୁକ୍ରବାର ଆଣିଛନ୍ତି। ସଦସ୍ୟାମାନେ ଏ ସମ୍ପର୍କରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସଭାନେତ୍ରୀ ଅର୍ଚ୍ଚନା ନାୟକ କହିଛନ୍ତି ଯେ, ୧୪ ମାସ ଧରି ସେମାନଙ୍କୁ ଦରମା ମିଳିନାହିଁ। ବୈଠକ ନ ହୋଇ ଦସ୍ତଖତ ନିଆଯାଉଛି। ଅଫିସ ଗୃହ ନିର୍ମାଣରେ ଆର୍ଥିକ ଅନିୟମିତତା ଅଛି। ଅଫିସ କାଗଜପତ୍ର ବ୍ୟକ୍ତିଗତ ହେପାଜତକୁ ଚାଲିଯାଇଛି। ସେହିପରି ଇସିରେ ୨୬ ସଦସ୍ୟ ଥିବା ବେଳେ ମାତ୍ର ୧୮ଟି ବ୍ଲେଜର ଦିଆଯାଇଛି। ଏପରି ବହୁ ସମସ୍ୟା ମଧ୍ୟରେ ସଦସ୍ୟାମାନେ ଅଛନ୍ତି। ଏଥିରେ ବଡଭାଗ ଭୂମିକା ଏମ୍‌ବିକେଙ୍କର ରହୁଛି। ସମସ୍ୟାର ସମାଧାନ ଇସି ସଦସ୍ୟ ଦାବି କରିଥିବା ସଭାନେତ୍ରୀ ନାୟକ କହିଛନ୍ତି। ସ୍ମାରକପତ୍ର ପ୍ରଦାନର ନେତୃତ୍ୱ ମମତା ମହାରଣା, ବନ୍ଦନା ବାରିକ, ସବିତା ଜେନା, କଳ୍ପନା ନାୟକ ପ୍ରମୁଖ ନେଇଥିଲେ।

## ୫ମ ସାଗରବେଳା ମହୋତ୍ସବ ଉଦ୍‌ଘାଟିତ

**ରାଜନଗର, ୨୨।୩ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୫ମ ସାଗରବେଳା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ମହୋତ୍ସବକୁ ଡିଭାଇନ ଲାଇଫ୍ ସୋସାଇଟି ଭୁବନେଶ୍ୱରର ସଭାପତି ସ୍ୱାମୀ ଶିବ ଚିଦାନନ୍ଦଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ପ୍ରାକୃତିକ ସମ୍ବଳ ଓ ମାନବ ସମ୍ବଳର ବିକାଶରେ ରାଜନଗର ବିକାଶ ଅଙ୍ଗାଙ୍ଗୀ ଭାବେ ଜଡିତ। ରାଜନଗର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରା ଓ ପରିବେଶ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ଯୁବ ସମାଜ ଓ ନେତୃତ୍ୱ ପ୍ରୟାସ ଜାରି ରଖିବା ଉଚିତ ବୋଲି କହିଥିଲେ। ଏଥିସହ ସାଗରବେଳା ମହୋତ୍ସବ ଏ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନେବାରେ ସଫଳ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡ. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଯୋଗଦେଇ ଭିତରକନିକାର ପ୍ରାକୃତିକ ବିଭବ ଆମକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ବୋଲି କହିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ପ୍ରଫେସର ସତ୍ୟବାଦୀ ଜେନା, ସଙ୍ଗଠନ ସମ୍ପାଦକ ଡ. ଧରଣୀଧର ରାଉତ, ଯୁଗ୍ମ ସମ୍ପାଦକ ଅନିଲ କୁମାର ବଳ ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷାବିତ୍ ମହେଶ୍ୱର ରାଉତ ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବେଦାର ଗଗନ ବିହାରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ରୟାଲ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

# ଭାଜପାରେ ଯୋଗଦେଲେ ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତି, ପୂର୍ବତନ ଅଧକ୍ଷ ସରୋଜ



ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବରେ ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତି ମଲିକ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ଓ ଅନ୍ୟମାନେ।

**ଡେରାବିଶ, ୨୨।୩ (ବେବର୍ତ୍ତା ଅଜୟ ଦାସ)**

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ସାରିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳରେ ରାଜନୈତିକ ସ୍ଥିତି ଗୋଳିଆ ହେବାରେ ଲାଗିଛି। ଦୀର୍ଘଦିନ ଧରି ଶାସକ ବିଜେଡି ଦଳର ନେତୃତ୍ୱ ନେଇ ଆସୁଥିବା ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ ଓ ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତି ମଲ୍ଲିକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ଦଳରେ ଯୋଗ ଦେଇଛନ୍ତି। ସରୋଜ ଓ ପ୍ରଭାତିଙ୍କ ଭାଜପାରେ ଯୋଗଦାନକୁ ଦଳୀୟ ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଅପରାଜିତା ଷଡଙ୍ଗୀ, ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପ୍ରମୁଖ ସ୍ୱାଗତ କରିବା ସହ ଦଳୀୟ ଟୋପୀ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ମିଶ୍ରଣ ପର୍ବରେ କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ବିଷ୍ଣୁ ଦାସ, ଜ୍ଞାନଦେବ ବେହୁରା, ମାନସ ମହାନ୍ତି, ତେଜେଶ୍ୱର ପରିଡା ଓ ଉମାକନ୍ତ ପଟ୍ଟନାୟକ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସରୋଜ ନିଜର ପ୍ରତିକ୍ରିୟା ରଖି କହିଛନ୍ତି, ବିଜେଡିରେ ଦୀର୍ଘବର୍ଷ ହେଲା ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଦଳୀୟ ନେତୃତ୍ୱ ଅଣଦେଖା କରିବାରୁ ସେ ଭାଜପାରେ ଯୋଗଦାନ କରିଛନ୍ତି। ଅନୁରୂପ ଭାବେ ପ୍ରଭାତୀ ଭାଜପାରେ ଯୋଗଦାନ କରିବା ସହ ଦଳୀୟ ନେତୃତ୍ୱଙ୍କ ନେତୃତ୍ୱରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହା ପୂର୍ବରୁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦଙ୍କ ବିଜେଡିରେ ଯୋଗଦାନ ଓ ଶୁକ୍ରବାର ଘଟଣାକ୍ରମରେ ସରୋଜ ଓ ପ୍ରଭାତିଙ୍କ ଭାଜପାରେ ଯୋଗଦାନ ପାଟକୁରା ରାଜନୈତିକ ପାଣିପାଗକୁ ଉଷ୍ମ କରିବା ସହ ଏ ନେଇ ସାଧାରଣରେ ଚର୍ଚ୍ଚା ଯୋର ଧରିଛି।

## ଚାଟରା ମେଳଣ ଉଦ୍‌ଯାପିତ

**ଡେରାବିଶ, ୨୨।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଚାଟରାଠାରେ ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ଦୋଳ ମେଳଣ ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଛି। ଏହି ମେଳଣର ଥାନପତି ଚାଟରା ମଠରୁ ଆସୁଥିବା ବିମାନ ଗୁରୁବାର ରାତି ୨ଟାରେ ମେଳଣ ପଡିଆରେ ଉପବେଶନ କରିବା ପରେ ମେଳଣକୁ ଆସୁଥିବା ୧୭ଟି ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଘଣ୍ଟ ସଂକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରାରେ ପଟୁଆର ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ମେଳଣକୁ ରଜନୀକାନ୍ତ ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି, ଅରଜିତ ମିଶ୍ର, ଦେବଦତ୍ତ ମିଶ୍ର, ସୁଶିଲ ମିଶ୍ରଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



ମେଳଣକୁ ଆସିଥିବା ବିଭିନ୍ନ ସ୍ଥାନର ବିମାନରେ ଠାକୁର ବସିଛନ୍ତି।

# ରାଜନଗରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ରାଜନଗର, ୨୨।୩ (ଭାସ୍କର ରାଉତରାୟ)**

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜି ସାରିଛି। ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଶୁକ୍ରବାର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ବାର୍ତ୍ତା ଦିଆଯାଇଛି। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ସିଆଇଏସ୍‌ଏଫ୍‌ର ୮୦ଜଣ ଯବାନ ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ। ଜରିମୂଳ ବଜାର, ରାଜନଗର ବଜାର, ତ୍ରିନାଥ ବଜାର, ସାନବଡଗୋପାଳପୁର ବଜାର ଓ ବେଲପାଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି।



ରାଜନଗର ବଜାରରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଶିକ୍ଷକ ଅଭାବ ପୂରଣ ନେଇ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ରାଜକନିକା, ୨୨।୩(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର ଦାସ)**

ରାଜକନିକା ବ୍ଲକ ଜୟନଗର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ନେଇ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ଧାରଣା ଦିଆଯାଇଥିଲା। ଏବିଇଓଙ୍କ ପ୍ରତିଶ୍ରୁତି ପରେ ସେମାନେ ଧାରଣାରୁ ଉଠିଥିଲେ। ଜୟନଗର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଲାଗି ବ୍ୟବସ୍ଥା ଅଛି। ବିଦ୍ୟାଳୟରେ ସମୁଦାୟ ଛାତ୍ରୀଛାତ୍ର ସଂଖ୍ୟା ୭୦। ହେଲେ ମାତ୍ର ଜଣେ ଶିକ୍ଷକ ଥିବାରୁ ଗୋଟିଏ ଶ୍ରେଣୀରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦିଆଯାଉଥିବା ନେଇ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସବୁ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗୋଟିଏ ଶ୍ରେଣୀରେ ଶିକ୍ଷାଦାନ ଦିଆଯାଉଥିବାରୁ ପିଲାମାନେ ଠିକ୍ ଢଙ୍ଗରେ ପାଠ ପଢ଼ି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଦୀର୍ଘଦିନର ଏହି ସମସ୍ୟାକୁ ନେଇ ବାରମ୍ବାର ବିଇଓଙ୍କୁ ଭେଟିଥିଲେ ମଧ୍ୟ ଫଳଶୂନ। ତେବେ ଶୁକ୍ରବାର ସମସ୍ତ ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏକତ୍ରିତ ହୋଇ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।



ରାଜକନିକା ବିଇଓଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିବା ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ।

### ଏବିଇଓଙ୍କ ପ୍ରତିଶ୍ରୁତି ପରେ ଓହରିଲେ

ଶିକ୍ଷକ ଅଭାବ ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ନାୟକ, ଅମର କୁମାର ପଲାଇ, ହେମନ୍ତ ପ୍ରଧାନ, ସୀତାକାନ୍ତ ପାତ୍ର, ମାଳତି ପ୍ରଧାନ, ଆଶାଲତା ସେଠୀ, ସତ୍ୟଭାମା ନାୟକ, ପାର୍ବତୀ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ନାୟକ, ସନ୍ତୋଷୀ ପ୍ରଧାନ, ୱାର୍ଡସଭ୍ୟା ଗୀତାଞ୍ଜଳି ମଳିକ, ତପନ ପ୍ରଧାନ, ଅମର କୁମାର ମଳିକ ଓ ୱାର୍ଡସଭ୍ୟା ଆଶାରାଣୀ ପଲାଇ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ତେବେ ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ କୈଳାସ ଚନ୍ଦ୍ର ସାହୁ ଧାରଣା ସ୍ଥଳରେ ପହଞ୍ଚି ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହ ଆଦର୍ଶ ଆଚରଣବିଧି ଉଠିଲେ ଶିକ୍ଷକ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଧାରଣାରୁ ଉଠିଥିଲେ।

# ଏପ୍ରିଲ ୬ରେ ମହାବାରୁଣୀ ବୁଡ଼

## ଶ୍ରୀ ନୀଳମାଧବ କ୍ଷେତ୍ରରେ ମହାବାରୁଣୀ ବୁଡ଼ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ମହାବାରୁଣୀ ସ୍ନାନ ଲାଗି ବସିଥିବା ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଖଣ୍ଡପଡ଼ା,୨୨।୩
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ ପରିଚିତ ଶ୍ରୀନୀଳମାଧବ ପୀଠ କଣ୍ଟିଲୋସ୍ଥିତ ମହାନଦୀ, କମଲେଇ ଓ କୁସୁମି ନଦୀର ମିଳନ ସ୍ଥଳ କମଲେଇ ନଦୀର ମୁହାଣ ନିକଟରେ ଏପ୍ରିଲ ୬ ରେ ମହାବାରୁଣୀ ବୁଡ଼ ସଂଯୋଗ ହେଉଥିବାରୁ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଏବଂ କଣ୍ଟିଲୋ ଅଞ୍ଚଳବାସୀଙ୍କ ସମେତ ଶ୍ରଦ୍ଧାଳୁମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ଏହି ଅଲଭ୍ୟ ସ୍ନାନ ଯୋଗ ଦୀର୍ଘ ୭ ବର୍ଷ ପୂର୍ବ ୨୦୧୭ ମାର୍ଚ୍ଚ ୨୫ ଓ ୨୦୦୮ ଚୈତ୍ର ମାସରେ ଅନୁଷ୍ଠିତ ହୋଇଥିଲା। ଏପ୍ରିଲ ୬ରେ ଚୈତ୍ରମାସ ଶନିବାର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ତିଥି କୁମ୍ଭ ରାଶି ଓ ଶତଭିଷା ନକ୍ଷତ୍ର ସଂଲଗ୍ନ ହେଉଥିବାରୁ ବାରୁଣୀ ସ୍ନାନ ଯୋଗ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି। ଉମାକାନ୍ତ ଖଡିରତ୍ନ ପଞ୍ଜିକାନୁସାରେ ଏହି ସ୍ନାନଯୋଗ ଏଥର ଏପ୍ରିଲ ୬ରେ ଶ୍ରୀନୀଳମାଧବ ଜୀଉଙ୍କ ପୀଠରେ ପଡୁଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ଅସ୍ଥି ବିସର୍ଜନ, ସ୍ନାନ ତଥା ଶ୍ରାଦ୍ଧ ଦେବା ପାଇଁ ସମବେତ ହେବାର ସମ୍ଭାବନା ରହିଛି। ଏଥିପାଇଁ ଖଣ୍ଡପଡ଼ା ଦେବୋତ୍ତର ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଶୁକ୍ରବାର ତହସିଲଦାର ତଥା ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ ନାଏକଙ୍କ ଅଧ୍ୟକ୍ଷତାରେ କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନୀଳମାଧବ ଜୀଉଙ୍କ ପଞ୍ଜିକାର ସନ୍ତୋଷ କୁମାର ଶିରୋମଣୀ ଯୋଗଦେଇ ଏହି ଅଲଭ୍ୟ ବାରୁଣୀ ଯୋଗ ଏପ୍ରିଲ ୬ ତାରିଖ ପୂର୍ବାହ୍ନ ୧୦ଟା୫୪ ମିନିଟ୍‌ରୁ ମଧ୍ୟାହ୍ନ ୧୨ଟା୧୩ ମିନିଟ୍ ପର୍ଯ୍ୟନ୍ତ ରହିଥିବା ସୂଚନା ଦେଇଥିଲେ। ଆୟୋଜିତ ବୈଠକରେ ପୋଲିସ ପ୍ରଶାସନ, ଗ୍ରାମ୍ୟ ଜଳ ଯୋଗାଣ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ, ଅଗ୍ନିଶମ ବିଭାଗର ସମସ୍ତ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟା ଉଜ୍ଜଳ ମହାରଣା, ନୀଳମାଧବ ପୂଜକ ସମାଜ ସଭାପତି ସୀମାଞ୍ଚଳ ମିଶ୍ର ଓ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ଖବରଦାତା ପ୍ରଭାକର ଶିରୋମଣି, ସୁକାନ୍ତ ମିଶ୍ର, ନୀଳମାଧବ ଜୀଉଙ୍କ ପରୀଚ୍ଛା ବାସୁଦେବ ମିଶ୍ର, ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା, ଦେବୋତ୍ତର ମ୍ୟାନେଜର ହରିହର ଦାଶ, ଜଳ ସମ୍ପଦ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା, ସରପଞ୍ଚ ପ୍ରତିନିଧି ଶତ୍ରୁଘ୍ନ ବେହେରା, ସମିତି ସଭ୍ୟାଙ୍କ ପ୍ରତିନିଧି ସରୋଜ କୁମାର ସାହୁ, କୈବର୍ତ୍ତ ସମାଜ ସଭାପତି ପ୍ରମୋଦ କୁମାର ଦଳେଇ, କଣ୍ଟିଲୋ ବିକାଶ ପରିଷଦର ସମ୍ପାଦକ ବସନ୍ତ କୁମାର ସାହୁଙ୍କ ସମେତ ନୀଳମାଧବ ଜୀଉଙ୍କ ସେବାୟତ ଓ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ କରି ସୁଚିନ୍ତିତ ମତାମତ ଦେଇଥିଲେ। ବିଶେଷ କରି ଅସ୍ଥି ବିସର୍ଜନ ଓ ଶ୍ରାଦ୍ଧ କର୍ମ ପାଇଁ ଆସିଥିବା କର୍ତ୍ତା ଓ ଯଜମାନମାନେ କିପରି ଅସୁବିଧାର ସମ୍ମୁଖିନ ନ ହେବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ମହାବାରୁଣୀ ଯୋଗରେ ହଜାର ହଜାର ସଂଖ୍ୟକ ବ୍ୟକ୍ତି ବୁଡ଼ ପକାଇବାର ସମ୍ଭାବନା ରହିଥିବାରୁ ମହାନଦୀ ଘାଟରେ ବୁଡ଼ ପାଇଁ ସ୍ୱତନ୍ତ୍ର ବାରିକେଟ ନିର୍ମାଣ, ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ନଦୀ ବାଲି ଶଯ୍ୟାରେ ଅହେତୁକ ଖରା ଯୋଗୁ ଟେଣ୍ଟ ଟାଣିବା ସହ କୌଣସି ଅଘଟଣକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ସଜାଗ ରହିବା ସହ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଦିଗରେ ଧ୍ୟାନ ଦିଆଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ବାରୁଣୀ ସ୍ନାନ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଜିଲା ପ୍ରଶାସନର ସହଯୋଗ କାମନା କରାଯାଇଥିବା ବେଳେ ଏକ ପ୍ରତିନିଧି ଦଳ ଆସନ୍ତା ୨୮ ତାରିଖରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନ ସହ ସାକ୍ଷାତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଆଲୋଚନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ଏହି ବାରୁଣୀ ସ୍ନାନ କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନ୍ୟୁନ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେବାର ଅଟକଳ କରାଯାଉଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା, ଜଳ ଯୋଗାଣ ବ୍ୟବସ୍ଥା, ନଦୀ ମଧ୍ୟରେ ବାରିକେଟ ନିର୍ମାଣ ଓ ଅସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ଆଖପାଖ ଅଞ୍ଚଳର ବିଗ୍ରହମାନଙ୍କୁ ସ୍ନାନ ଘାଟକୁ ଶୋଭାଯାତ୍ରାରେ ବିଜେ କରିବାକୁ ଦେବୋତ୍ତର ବିଭାଗକୁ ପରାମର୍ଶ ଦିଆଯାଇଥିଲା। ଶ୍ରୀ ଜୀଉ ମନ୍ଦିରରୁ ଉକ୍ତ ଦିନ ୧୦ଟା୫୪ରୁ ମଧ୍ୟାହ୍ନ ୧୨ଟାରେ ବାହାରି ସ୍ନାନ ଘାଟରେ ପହଞ୍ଚି ପାରମ୍ପାରିକ ରୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମାପନ ପରେ ଅପରାହ୍ନ ସାଢେ ୫ଟାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ପରେ ତହସିଲଦାର ନାଏକଙ୍କ ସହ ଉପସ୍ଥିତ ପ୍ରତିନିଧିମାନେ ବୁଡ ପକାଇବାକୁ ଥିବା ସ୍ଥାନକୁ ଯାଇ ସମୀକ୍ଷା କରିଥିଲେ।

# ଖଣ୍ଡପଡ଼ା ଚିନିକଳ ସାହିକୁ ରାସ୍ତା ନିର୍ମାଣ ଦାବି



ଚିନିକଳ ସାହିକୁ ଯାଇଥିବା କଚା ରାସ୍ତା।

ଖଣ୍ଡପଡା,୨୨।୩
(ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଜରିଆରେ ବିଭିନ୍ନ ଯୋଜନା ତଥା ସହରାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଲକ୍ଷାଲକ୍ଷ ଟଙ୍କା ବ୍ୟୟ କରୁଥିଲେ ହେଁ ଦୀପ ତଳ ଅନ୍ଧାର ପରି ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ଖଣ୍ଡପଡା ୧୭ ନଂ. ୱାର୍ଡ ଏହି ଚିନିକଳ ସାହି ରାସ୍ତାଟି ପଡିରହିଛି। ଖଣ୍ଡପଡ଼ା ସହରର ୧୭ ନଂ. ୱାର୍ଡ ଅଧୀନ ଚିନିକଳ ସାହି ରାସ୍ତା ନିର୍ମାଣ ନିମନ୍ତେ ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ରାସ୍ତାଠାରୁ ମାଟି ରାସ୍ତା ଦେଇ ସ୍ଥାନୀୟ ବାସିନ୍ଦା ଯାତାୟତ କରୁଛନ୍ତି। ବର୍ଷାଦିନେ ରାସ୍ତା ସାରା କାଦୁଅ ପଙ୍କରେ ଭର୍ତ୍ତି ହୋଇ ପଡୁଥିବାରୁ ଯାତାୟାତ ଓ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏନ୍ଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ କଂକ୍ରିଟକରଣ କରିବାକୁ ୧୭ ନଂ. ୱାର୍ଡବାସୀ ଦାବି କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାପଇଛନ୍ତି।

# ହୁସେନ, ସତ୍ୟବ୍ରତ ପିସିସି ସାଧାରଣ ସମ୍ପାଦକ, ସରୋଜ ପରିଡ଼ା ସମ୍ପାଦକ



ସତ୍ୟବ୍ରତ ନାୟକ।



ହୁସେନ ଖାଁ।

ନୟାଗଡ଼, ୨୨।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ବରିଷ୍ଠ କଂଗ୍ରେସ ନେତା ହୁସେନ ଖାଁ, ରଣପୁରର ଯୁବନେତା ସତ୍ୟବ୍ରତ ନାୟକଙ୍କୁ ପିସିସି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ଦଶପଲ୍ଲାର ବରିଷ୍ଠ ନେତା ସରୋଜ ପରିଡାଙ୍କୁ ପିସିସି ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି ଏଆଇସିସି ସାଧାରଣ ସମ୍ପାଦକ ସଙ୍ଗଠକ କେ. ସି. ବେଣୁଗୋପାଳ। ହୁସେନ ଖାଁ ଦଳରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି, ପିସିସି ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ଦାୟିତ୍ୱ ସଫଳତାର ସହ ତୁଲାଇ ଥିବାବେଳେ ସତ୍ୟବ୍ରତ ନାୟକ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କେନ୍ଦ୍ରୀୟ ସମ୍ପାଦକ ଦାୟିତ୍ୱରେ ଅଛନ୍ତି। ସେହିପରି ସରୋଜ ପରିଡା ପୂର୍ବରୁ ଜିଲା ସଭାପତି ଦାୟିତ୍ୱ ତୁଲାଇ ଥିଲେ। ନୂତନ ପଦବୀ ପାଇବା ପରେ ହୁସେନ, ସତ୍ୟବ୍ରତ, ସରୋଜ ଏଆଇସିସି ସଭାପତି ମଲ୍ଲୀକାର୍ଜୁନ ଖଡ଼ଗେ, ବରିଷ୍ଠ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଭାରୀ ଅଜୟ କୁମାର ଏବଂ ଡିସିସି ସଭାପତି ରଣଜିତ ଦାଶଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶିକ୍ଷା ମାଧ୍ୟମରେ ପିଲା ସଂସ୍କାରିତ ହେବେ

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆଗାଁ, ୨୨।୩ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ମହିପୁର ପଞ୍ଚାୟତ ନିଳାଦ୍ରୀପୁରଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଶୁକ୍ରବାର ମହିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବ ସଭାରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ସଭାପତି ମୃଣାଳିନୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟକ୍ରମରେ କୃତିତ୍ୱ ଆଣିବା ପାଇଁ ଶିକ୍ଷାର ଆବଶ୍ୟକତା ଯେତିକି ରହିଛି, ତାହାଠାରୁ ଅଧିକ ଗୁରୁତ୍ୱ ରହିଛି। ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ସଂସ୍କାରିତ କରିବା ବୋଲି କହିଥିଲେ। ତେଣୁ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ ପ୍ରଥମେ ଛାତ୍ରୀଛାତ୍ରମାନଙ୍କୁ ସଂସ୍କାରିତ କରିବା ଦିଗ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକ ରହିଛି ବୋଲି ମୁଖ୍ୟ ଅତିଥି ଦାସ କହିଥିଲେ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରଧାପକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅରବିନ୍ଦ ଶିକ୍ଷା କେନ୍ଦ୍ରର ଜିଲା ଆବାହକ ସନାତନ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ଛାତ୍ରୀଛାତ୍ରମାନେ କିଭଳି ଶୃଙ୍ଖଳିତ ଓ ସଂସ୍କାରିତ ହୋଇପାରିବେ ସେ ସମ୍ପର୍କରେ ନିଜର ମତ ରଖିଥିଲେ। ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

## ସୀତା ଚୋରି, ଶବରୀ ପ୍ରସଙ୍ଗ, ସୁଗ୍ରୀବ ମିତ୍ରତା ପ୍ରବଚନ ପ୍ରଦାନ

ଖଣ୍ଡପଡା,୨୨।୩
(ଅଜୟ କୁମାର ମହାରଣା)

ବିଶ୍ୱର କଲ୍ୟାଣ ଆଧାତ୍ମିକ ଚେତନାର ବିକାଶ କଳ୍ପେ ୯ ଦିନ ବ୍ୟାପୀ ୩୯ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ୫ମ ଦିବସ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସୀତାଚୋରି, ଶବରୀ ପ୍ରସଙ୍ଗ, ସୁଗ୍ରୀବ ମିତ୍ରତା ପ୍ରସଙ୍ଗ ଉପରେ ପ୍ରବଚନ ପ୍ରଦାନ କରାଯାଇଥିଲା। ଖଣ୍ଡପଡ଼ା ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଖଣ୍ଡପଡ଼ା ପଶ୍ଚିମ ମୁଖା ମହାବୀର ପୀଠ(ମୁକ୍ତିତୀର୍ଥ)ରେ ଅନୁଷ୍ଠିତ ହେଉଥିବା ଆଧାତ୍ମିକ କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର ପରିଚାଳନା କମିଟିର ସଭାପତି କାଶୀନାଥ ଦାସ, ସମ୍ପାଦକ ବିଜୟ କୁମାର ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରୁଛନ୍ତି।

# ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ

ଦଶପଲ୍ଲା ୨୨।୩ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ, ପୋଲିଂ ପାର୍ଟି ଓ ପୋଲିସ ଅଫିସରମାନଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ଉକ୍ତ ବିଦ୍ୟାଳୟଠାରେ ୧୭, ୧୮ ଓ ୧୯ ତାରିଖରେ ୩ ଦିନ ଧରି ତାଲିମ ଦିଆଯାଇଥିଲା। ତିନି ଦିନରେ ୧,୬୮୯ ଜଣ ପ୍ରଶିକ୍ଷଣ ନେଇଥିଲେ। ଶେଷ ଦିନ ସୁଦ୍ଧା ୯୨ଜଣ ଅନୁପସ୍ଥିତ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଦଶପଲ୍ଲା, ଗଣିଆ, ନୂଆଗାଁ ବ୍ଲକର ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ପାଇଁ ଏହି ପ୍ରଶିକ୍ଷଣ ଶିବିରରେ ୨୪ ଜଣ ମାଷ୍ଟର ଟ୍ରେନର ଓ ସହଯୋଗୀଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଇଭିଏମ୍ ପରିଚାଳନା, ପୋଷ୍ଟାଲ ବାଲଟ ସମେତ ନିର୍ବାଚନ ପରିଚାଳନା ସମ୍ପର୍କରେ ସମସ୍ତ ବିଷୟରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବିଇଓ ଭକ୍ତି ବିନୋଦ ଶଳଙ୍କ ସମେତ ଗଣିଆ ଓ ନୂଆଗାଁର ପ୍ରଶାସନିକ ଅଧିକାରୀମାନେ ଯୋଗଦାନ କରି ତାଲିମ ଦେଇଥିଲେ।

# ବଡ଼ପଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୨।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ବଡ଼ପଡ଼ା ଜଙ୍ଗଲରେ ଶୁକ୍ରବାର ଅବକାରୀ ଚଢ଼ାଉ ହୋଇଛି। ମଦ ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ମିଳିବା ପରେ ଜୟପୁର ଅବକାରୀ ନୀରିକ୍ଷକ କାଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ସେଠାରୁ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗି ଦେଇଛି। ଘଟଣାସ୍ଥଳରୁ ୩ ହଜାର ଲିଟର ପୋଚ ଓ ୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ନିରିକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

# ଫେରାର ଅଭିଯୁକ୍ତଙ୍କ ଘରେ ଲାଗିଲା ନୋଟିସ

ଜୟପୁର, ୨୨।୩(ପବନ ପାଣିଗ୍ରାହୀ)

ଜଣେ ଫେରାର ଅଭିଯୁକ୍ତଙ୍କ ଘରେ ଲାଗିଲା ନୋଟିସ। ୧ ମାସ ଭିତରେ ଆତ୍ମସମର୍ପଣ କରିବାକୁ ନୋଟିସରେ ଉଲ୍ଲେଖ ରହିଛି। ଜୟପୁର ସଦର ଥାନା ଅଧୀନ ନାଡୁଗୁଡ଼ାର ରାମ ମୁଦୁଲିଙ୍କ ନାମରେ ମାମଲା ରହିଛି। ସେ ବହୁ ଦିନ ହେବ ଫେରାର ଥିବା ବେଳେ କୋର୍ଟରେ ହାଜର ହେଉନାହାନ୍ତି। ତେଣୁ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଘରେ ନୋଟିସ ଲଗାଯାଇଛି। ୧ ମାସ ଭିତରେ ସେ କୋର୍ଟରେ ଆତ୍ମସର୍ମପଣ କରିବାରୁ ସେଥିରେ ଉଲ୍ଲେଖ ରହିଛି। ଆତ୍ମସମର୍ପଣ ନ କଲେ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ନୋଟିସ୍‌ରେ ଲେଖାଯାଇଛି।

# ନୟାଗଡ଼ ଟାଉନ, ସଦର ଥାନା ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ନୟାଗଡ଼,୨୨।୩ (ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଓ ସଦର ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଫ୍ଲାଗମାର୍ଚ୍ଚ କରାଯାଇଛି। ସଦର ଥାନା ଆଇଆଇସି ଅନିତା ସାହୁଙ୍କ ନେତୃତ୍ୱରେ କଇଥଗାଡିଆ, ଖୁଣ୍ଟୁବନ୍ଧ, ଗୋଡିଆଳି, ଜେମାଦେଇପୁରପାଟଣା ପର୍ଯ୍ୟନ୍ତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ହୋଇଛି। ସେହିପରି ନୟାଗଡ ଟାଉନ ଥାନା ପୋଲିସ ଦୁର୍ଗାପ୍ରସାଦ, ସିନ୍ଧୁରିଆ, ଖଣ୍ଡପଡ଼ା ରୋଡ, ନୟାଗଡ଼ ବଜାର, ଚଣ୍ଡିବସ୍ତରେ ଫ୍ଲାଗ ମାର୍ଚ୍ଚ କରିଛି। ନିର୍ବାଚନ କମିଶନ ଆଚରଣ ବିଧି ଲାଗୁ ପରେ ଅପରାଧୀଙ୍କ ଦମନ ଓ ସାଧାରଣଲୋକଙ୍କ ମନରେ ଭୟ ଦୂର ପାଇଁ ପୋଲିସ ପ୍ରଶାସନ ସଜାଗ ହୋଇଉଠିଛି।



ନୟାଗଡ଼ ସହରରେ ଫ୍ଲାଗ୍ ମାର୍ଚ୍ଚରେ ସାମିଲ ହୋଇଥିବା ପୋଲିସ।

# ଚୋରାରେ ଘରକୁ ପାଣି ପାଇପ ସଂଯୋଗ

## ଖଳିସାହି ପଞ୍ଚାୟତ

## ପାନୀୟ ଜଳ ଯୋଗାଣରେ ହେଉଛି ସମସ୍ୟା

ଖଣ୍ଡପଡ଼ା,୨୨।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତବାସୀ ଗ୍ରୀଷ୍ମଋତୁ ପ୍ରାରମ୍ଭରୁ ପାନୀୟ ଜଳ ସମସ୍ୟା ନେଇ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପଞ୍ଚାୟତବାସୀଙ୍କୁ ପାଇପ ଲାଇନ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ବିଭିନ୍ନ ସ୍ଥାନରେ ପ୍ରକଳ୍ପ ନିର୍ମାଣ କରାଯାଇଛି। ମାତ୍ର ପରିଚାଳନାଗତ ତ୍ରୁଟି, ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ବର୍ଷର ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଖଳିସାହି ତୋଟା ହନୁମାନଙ୍କ ମନ୍ଦିର ସମ୍ମୁଖସ୍ଥ ରାସ୍ତା ପାର୍ଶ୍ୱରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉପରେ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ନିର୍ଭର କରୁଥିଲେ। ଉକ୍ତ ସ୍ଥାନରେ ନିର୍ମିତ ପାଣି ଟାଙ୍କିରେ ପର୍ଯ୍ୟାପ୍ତ ପରିମାଣର ପାଣି ମହଜୁଦ ଥିବା ବେଳେ ସେଠାରୁ ମାଟି ତଳେ ପାଇପ ଲାଇନ ବିଛାଯାଇ ଖଳିସାହି, ମୁଣ୍ଡିଆ ହନୁମାନଙ୍କ ସାହି, ବଡସାହି, ଗଉଡସାହି ଓ ଆଖପାଖ ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇଛି। ମାତ୍ର ମାଟି ତଳେ ବିଛାଯାଇ ପାନୀୟ ଜଳ ଯୋଗାଣ ପାଇପ ଲାଇନରୁ କେତେଜଣ ବ୍ୟକ୍ତି ମନଇଚ୍ଛା ବେଆଇନ ଭାବେ ଘରକୁ ସଂଯୋଗ ନେଇଥିବାବେଳେ ଅନେକ ପାଣି ଯୋଗାଣ ସମୟରେ ବିଦ୍ୟୁତ ଚାଳିତ ମୋଟର ପମ୍ପ ସାହାଯ୍ୟରେ ପାଣି ସଂଗ୍ରହ କରୁଥିବାରୁ ଏହା ଅନ୍ୟ ମାନଙ୍କ ପାଇଂ ସମସ୍ୟାର କାରଣ ପାଲଟିଛି । ଫଳରେ ସ୍ଥାନୀୟ ଅନେକ ବାସିନ୍ଦା ଆବଶ୍ୟକତା ଅନୁଯାୟୀ ପାଇପ ଲାଇନ ଯୋଗେ ପାନୀୟ ଜଳ ମୁନ୍ଦେ ପାଉ ନାହାନ୍ତି। ଖଳିସାହି ପଞ୍ଚାୟତ ଅଧୀନ କେତେଗୋଟି ଗ୍ରାମର ବାସିନ୍ଦା ଠିକ୍ ଭାବେ ପାଇପ ଲାଇନ ଯୋଗେ ପାନୀୟ ଜଳ ପାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁଖ୍ୟ ପାଇପ ଲାଇନରୁ ବେଆଇନ ଭାବେ ବାସଗୃହଗୁଡିକୁ ଚୋରାରେ ପାଣି ପାଇପ ଲାଇନ ନେଇଛନ୍ତି। ସେଗୁଡିକ ଉଚ୍ଛେଦ ନିମନ୍ତେ ସ୍ଥାନୀୟ ବାସିନ୍ଦା ଖଳିସାହି ସରପଞ୍ଚ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ସମେତ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଘର ଶୂନ ବୋଲି ଜଣାପଡିଛି। ସମସ୍ୟାର ସମାଧାନ ଦିଗରେ ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



ଖଳିସାହିରେ ଥିବା ପାଣି ଟାଙ୍କି ।

# ଦାମଙ୍କ ଶାଣିତ ସ୍ୱର ଆଉ ଶୁଭିବ ନାହିଁ

ରଘୁନାଥପୁରୀ/କୁଜଙ୍ଗ/ପାରାଦୀପ, ୨୨ ।୩ (ରାଜେନ୍ଦ୍ର ନାରାୟଣ ସିଂହ/ ମନୋଜ ପ୍ରଧାନ/ଶରତ ରାଉତ )

ଓଡ଼ିଶା ରାଜନୀତିର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ପାର୍ଥିବ ଶରୀର ଜଗତ୍‌ସିଂହପୁରରେ ପହଞ୍ଚିବା ପରେ ସାରା ଜିଲାରେ ଶୋକର ଛାୟା ଖେଳିଯାଇଛି। ବିଶେଷ କରି କୁଜଙ୍ଗ, ଏରସମା ଓ ପାରାଦୀପ ନିର୍ବାଚନ ମଣ୍ଡଳୀର ସବୁବର୍ଗର ଲୋକ ତାଙ୍କର ଶେଷ ଦର୍ଶନ ପାଇଁ ବହୁ ସମୟ ଧରି ଅପେକ୍ଷାରତ ଥିଲେ। ଦାମଙ୍କ ପାର୍ଥିବ ଶରୀରକୁ ପ୍ରଥମେ ଭୁବନେଶ୍ୱରରୁ ତିର୍ତ୍ତୋଲସ୍ଥିତ ବାସଭବନ ଅଭିମୁଖେ ନିଆଯାଇଥିଲା। ରଘୁନାଥପୁର ବ୍ଲକ ଛକ ନିକଟରେ ତାଙ୍କ ମରଶରୀର ପହଞ୍ଚିବା ପରେ ଦାମବାବୁ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ,ବିଜେଡି ନେତା ଗୌତମ ପାଲିତ,ଚନ୍ଦ୍ରକାନ୍ତ ପଣ୍ଡା,ରମାକାନ୍ତ ଭୋଇ, ପ୍ରକାଶ ମଲ୍ଲିକ ପୁଷ୍ପମାଲ୍ୟ ଅର୍ପଣ କରି ଶେଷଦର୍ଶନ କରିଥିଲେ। ସେହିପରି ଗଡ଼ମା ବଜାର, ତାରପୁର ବାଇପାସ ଓ ଜଇପୁର ଛକରେ ଦାମବାବୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେଠାରେ ଲୋକେ ଶେଷ ଦର୍ଶନ କରିବା ପରେ ତିର୍ତ୍ତୋଲ ନିଆଯାଇଥିଲା। ଏହାପରେ କୁଜଙ୍ଗ ବ୍ଲକକୁ ନିଆଯାଇଥିଲା। ଅପରାହ୍ନରେ କୁଜଙ୍ଗ ଥାନା ଛକରେ ପୋଲିସ ଓ ସମର୍ଥକମାନେ ଦାମଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ ଶୋକ ବ୍ୟକ୍ତକରି କହିଛନ୍ତି କୁଜଙ୍ଗ, ପାରାଦୀପ ଓ ଏରସମାର ବିକାଶରେ ତାଙ୍କ ଭୂମିକା



କୁଜଙ୍ଗରେ ଡା.ଦାମୋଦର ରାଉତଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

## ଜିଲାର ବିଭିନ୍ନ ସ୍ଥାନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଅତୁଳନୀୟ । ଦାମଙ୍କ ପରଲୋକ କେବଳ କୁଜଙ୍ଗ ଓ ପାରାଦୀପ ନୁହେଁ ସାରା ଓଡ଼ିଶା ପାଇଁ ମଧ୍ୟ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି କବି ପୀତାମ୍ବର ତରାଇ ଏକ ଶୋକ ବାର୍ତ୍ତାରେ କହିଛନ୍ତି, ଡାକ୍ତର ରାଉତଙ୍କ ବିୟୋଗରେ ଓଡ଼ିଶା ରାଜନୀତି କ୍ଷେତ୍ରରେ ବିଚାରଶୀଳତା, ସାମାଜିକ ଦାୟିତ୍ୱବୋଧତା ଓ ମୂଲ୍ୟବୋଧଭିତ୍ତିକ ରାଜନୀତିରେ ପୂର୍ଣ୍ଣଚ୍ଛେଦ ପଡିବା ସହ ଗୋଟିଏ ଯୁଗର ଅବସାନ ଘଟଲା । ଏହି ଅବସରରେ ଭାଜପା ନେତା ସମ୍ପଦ ସ୍ୱାଇଁ, ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା,ବରିଷ୍ଠ ରାଜନେତା ସରୋଜ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପୂର୍ବତନ ସରପଞ୍ଚ ବିଜୟ ଖଟେଇଙ୍କ ସମେତ ବହୁ ଲୋକପ୍ରତିନିଧି, ଶିଳ୍ପପତି, କୁଜଙ୍ଗ ଓକିଲ ସଂଘ ସଭାପତି ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଦାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅପରାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ପାରାଦୀପର ବିଭିନ୍ନ ସ୍ଥାନକୁ ନିଆଯାଇଥିଲା। ଅଠରବାଙ୍କୀ ବିଜୁ ପଟ୍ଟନାୟକ ସ୍ମୃତି ପାର୍କ, ନୂଆବଜାର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପାଖରେ ରଖାଯାଇଥିଲା। ସେଠାରେ ପାରାଦୀପ ଅଞ୍ଚଳର ଲୋକମାନେ ତାଙ୍କ ପ୍ରିୟ ନେତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ପାରାଦୀପରେ ଦାମଙ୍କ ଘନିଷ୍ଠ ସହଯୋଗୀ ମାଗୁଚରଣ ନାୟକ କୁହନ୍ତି ଦାମ ବାବୁଙ୍କ ବୟାନ ସ୍ୱତନ୍ତ୍ର। ସେ ଗଣମାଧ୍ୟମକୁ କ’ଣ କହିବେ କିପରି ଚର୍ଚ୍ଚାରେ ରହିବେ ସେ କଳା ଜଣା। ତାଙ୍କ ମୁହଁରେ ଜଗତ୍‌ସିଂହପୁର ଜିଲାର ପ୍ରତ୍ୟେକ ଗାଁ ରହିଥାଏ ।ତାଙ୍କ ଜୀବନରେ ଅନେକ ଉତ୍‌ଥାନ ପତନ ଆସିଛି। କିନ୍ତୁ କେବେ ସେ ଭାଙ୍ଗିପଡି ନାହାନ୍ତି। ସମସ୍ତ ଘଟଣାକୁ ସେ ଶାଣିତ ସ୍ୱରରେ କହିଥାନ୍ତି। ଯାହା ଆଜିର ପରିବର୍ତ୍ତିତ ରାଜନେତାଙ୍କ ପାଖରେ କ୍ୱଚିତ ଦେଖିବାକୁ ମିଳେ। ଏହି ଶାଣିତ ସ୍ୱର ଆଉ ଶୁଣିବାକୁ ମିଳିବ ନାହାନ୍ତି ବୋଲି କହି ସେ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପ୍ରତିନିଧିତ୍ୱ ସମୟରେ ପାରାଦୀପକୁ ପ୍ରଥମେ ବିଜ୍ଞପିତ ଅଞ୍ଚଳ ଓ ପରେ ପୌରପରିଷଦ କରାଯାଇଥିଲା। ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ (ପିଡିଏ)ମଧ୍ୟ ତାଙ୍କ ଅବଦାନ ବୋଲି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି। ପରେ ଷଣ୍ଢକୁଦ ଦେଇ ଦାମଙ୍କ ପାର୍ଥିବ ଶରୀରକୁ ପୈତୃକ ଗ୍ରାମ ଏରସମା ମଲ୍ଲୀପୁର ଯାଇଥିଲା। ସେଠାରୁ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ କରାଯାଇଛି। ପୁଅ ତଥା ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମୁଖାଗ୍ନି ଦେଇଥିଲେ।

## ୭ ଥର ବିଧାୟକ, ଏକାଧିକବାର ମନ୍ତ୍ରୀ

ପାରାଦୀପ, (ଶରତ ରାଉତ)

ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ଅଧୀନ ମଲ୍ଲୀପୁର ଗ୍ରାମର ସ୍ୱର୍ଗତ କପିଳ ରାଉତଙ୍କ ୪ ପୁତ୍ର ମଧ୍ୟରୁ ଦାମୋଦର ହେଲେ ସାନ ମଝିଆ। ଛାତ୍ର ଜୀବନରେ ସେ କଲେଜ ନିର୍ବାଚନ ଲଢିଥିଲେ। ପରେ ପ୍ରାଣୀ ଚିକିତ୍ସକ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେତେବେଳେ କୁଜଙ୍ଗ ଝିମାଣୀ ଗ୍ରାମର ଡା. ସତ୍ୟାନନ୍ଦ ପଣ୍ଡା ଉଚ୍ଚ ଶିକ୍ଷିତ ଥିଲେ। ସେ ଲକ୍ଷ୍ନୌ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଥିଲେ। ତାଙ୍କୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ରାଜନୀତି ପାଇଁ ଡାକିଥିଲେ। ଡା. ପଣ୍ଡାଙ୍କ କିଛି ପାରିବାରିକ ସମସ୍ୟା ଥିବାରୁ ସେ ଦାମ ବାବୁଙ୍କୁ ନେଇ ବିଜୁ ବାବୁଙ୍କ ପାଖରେ ପହଞ୍ଚାଇ ଥିଲେ। ସେଇଠୁ ଦାମଙ୍କ ପ୍ରତ୍ୟକ୍ଷ ରାଜନୀତି ଜୀବନ ଆରମ୍ଭ ହୋଇଥିଲା। ୧୯୭୭ରେ ସେ ଏରସମା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ଜିତି ବିଧାୟକ ହୋଇଥିଲେ। ତା’ପରଠାରୁ ଲଗାତାର ୧୯୯୫ ପର୍ଯ୍ୟନ୍ତ ଜିତିଥିଲେ। ୧୯୯୫ ନିର୍ବାଚନରେ ସେ ଏରସମା ଓ ତିର୍ତ୍ତୋଲ ୨ ଜାଗାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ସେତେବେଳେ ସେ ଜନତା ଦଳର ନେତା ଥିଲେ। ୨୦୦୦ ମସିହାରେ ବିଜୁ ଜନତା ଦଳ ଗଠନ ହେବା ପରେ ପୁଣି ସେଥିରେ ଯୋଗ ଦେଇ ନିର୍ବାଚିତ ହୋଇଥିଲେ। ୨୦୦୯ରେ ଆସନ ସଂରକ୍ଷଣ ହେବାରୁ ଏରସମା ନିର୍ବାଚନ ମଣ୍ଡଳୀରୁ ପାରାଦୀପ ଅଲଗା ହୋଇଥିଲା। ଏହାପରେ ସେ ୨୦୦୯ ଓ ୨୦୧୪ ପାରାଦୀପ ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ୨୦୧୯ରେ ସେ ବିଜେଡି ଛାଡି ଭାଜପାରେ ଏରସମା ବାଲିକୁଦା ପାଇଁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ରାଜନୈତିକ ଜୀବନ ମଧ୍ୟରେ ଦାମ ପଞ୍ଚାୟତି ରାଜ, କୃଷି, ସ୍ୱାସ୍ଥ୍ୟ, ଅବକାରୀ, ସମବାୟ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ନଗର ଉନ୍ନୟନ ଆଦି ବିଭାଗରେ ମନ୍ତ୍ରୀ ହୋଇଥିଲେ।

# ‘ବିକଶିତ ବଡ଼ଚଣା ଗଠନ ଆମର ଲକ୍ଷ୍ୟ’



ବୈଠକରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।



ବୈଠକରେ ଯୋଗଦେଇଥିବା ବିଜେଡି କର୍ମୀମାନେ।

ଚଣ୍ଡିଖୋଲ,୨୨।୩(ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲ ଦଳୀୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବଡ଼ଚଣା ବ୍ଲକ ବିଜୁ ଜନତା ଦଳ ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ବଡ଼ଚଣା ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବଡ଼ଚଣା ନିର୍ବାଚନମଣ୍ଡଳୀରେ ବହୁ ବିକାଶ କାର୍ଯ୍ୟ ହୋଇଛି। ୪୩ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆଗାମୀ ଦିନରେ ଏକ ବିକଶିତ ବଡ଼ଚଣା ଗଠନ ପାଇଁ ସମସ୍ତେ ମିଳିମିଶି ସଂକଳ୍ପ ନେବା। ଏଥିସହିତ

## ବଡ଼ଚଣା ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ

୨୦୨୪ ସାଧାରଣ ନିର୍ବାଚନରେ ପୁନର୍ବାର ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଶପଥ ନେବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି।

ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଟିମ୍ ବଡ଼ଚଣା ଅଧ୍ୟକ୍ଷ ଅଦ୍ୱିତୀୟ ଶତପଥୀ, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ପ୍ରସାଦ ନାୟକ, ମହିଳା ବିଜେଡି ସଭାପତି ରଶ୍ମିରେଖା ନାୟକ, ମିଶନ ଶକ୍ତି ମହାସଂଘ ସଭାନେତ୍ରୀ ପ୍ରମିଳା ଜେନା, ପୁଷ୍ପଲତା ନାଥ, ଆତ୍ମା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ସାରଦା ପ୍ରସନ୍ନ ମହାନ୍ତି, ସରପଞ୍ଚ ନବଦୀପ ନାୟକ, ତାପସ ରାୟ, ପଞ୍ଚାନନ ଧଳ, ତ୍ରୈଲୋକ୍ୟ ଜେନା, ସେକ୍ ମୋହିନୀ ଅହମ୍ମଦ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ନନ୍ଦ, ନିରଞ୍ଜନ ସେନାପତି, ପ୍ରକାଶ ପ୍ରଧାନ ଓ ସମରେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ। ସଭାରେ ସମସ୍ତ ପଞ୍ଚାୟତ ସଭାପତି, ଛାତ୍ର, ଯୁବ ଓ ମହିଳା ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ସଞ୍ଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## କୁଜଙ୍ଗର ପୂର୍ବତନ ଆର୍‌ଆଇ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

କଟକ,୨୨।୩ (କାର୍ତ୍ତିକ ସାହୁ)

ଜଗତସିଂହପୁର ଜିଲା କୁଜଙ୍ଗ ସର୍କଲର ପୂର୍ବତନ ତଥା ଅବସରପ୍ରାପ୍ତ ଆର୍‌ଆଇ ସୁବାସ ଚନ୍ଦ୍ର ଦାସ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଦାସଙ୍କ ବିରୋଧରେ ରୁଜୁ ଏକ ଲାଞ୍ଚ ମାମଲାର ବିଚାର କରି ଶୁକ୍ରବାର ଅଦାଲତ ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ପୂର୍ବତନ ଆର୍‌ଆଇ ଦାସ ଜଣେ ବ୍ୟକ୍ତିଙ୍କ ଜମି କିସମ ପରିବର୍ତ୍ତନ ମାମଲାରେ ଜମିପଟ୍ଟା ଇସ୍ୟୁ କରିବା ପାଇଁ ୮ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଫଳରେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୨୦୧୮ ଜାନୁଆରୀ ୧୭ ତାରିଖରେ ଏନେଇ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ରାୟ ପ୍ରକାଶ ପରେ ଭିଜିଲାନ୍ସ ତାଙ୍କର ପେନ୍‌ସନ୍ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଯିବ ବୋଲି ଜଣାପଡିଛି।

## ଘରୋଇ ବିଦ୍ୟାଳୟ ଛାତ୍ରାବାସରୁ ୫ ପିଲା ଫେରାର

ମାର୍ଶାଘାଇ,୨୨।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମାର୍ଶାଘାଇ ନିକଟସ୍ଥ ଏକ ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ରାବାସରେ ରହି ପାଠ ପଢୁଥିବା ୫ ଜଣ ଛାତ୍ର ଗୁରୁବାର ରାତିରୁ କେଉଁ ଆଡ଼େ ପଳାଇ ଯାଇଛନ୍ତି। ୫ ଜଣଙ୍କ ମଧ୍ୟରୁ ୩ ଜଣ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ହୋଇଥିବା ବେଳେ ଜଣେ ଆଳି ଓ ତିର୍ତ୍ତୋଲ ଅଞ୍ଚଳର ବୋଲି ଜଣାଯାଇଛି। ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅରଡ଼ପଲ୍ଲୀ ଗ୍ରାମର ଦିଲୀପ କୁମାର ସାହୁ ମାର୍ଶାଘାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ଶୁଭମ (୧୭)ଉକ୍ତ ଯାନ୍ତ୍ରିକ ବିଦ୍ୟାଳୟରେ ପାଠ ପଢୁଥିଲେ। ସେହି ଗ୍ରାମର ଆଉ ଜଣେ ପିଲା ମଧ୍ୟ ଉକ୍ତ ବିଦ୍ୟାଳୟରେ ପଢୁଥିଲେ। ଉକ୍ତ ପିଲାର ବାପା ଶୁକ୍ରବାର ସକାଳୁ ମୋତେ ଆସି କହିଲେ ଯେ, ଗୁରୁବାର ରାତିରୁ ପିଲା ଦ୍ୱୟ ହଷ୍ଟେଲରୁ କେଉଁ ଆଡ଼େ ପଳାଇ ଯାଇଛନ୍ତି। ପୁଅକୁ ଖୋଜି ଆଣିବା ପାଇଁ ସେ ମାର୍ଶାଘାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସମ୍ପର୍କରେ ଆଇଆଇସି ପ୍ରଜ୍ଞା ପାରମିତା ଜେନାଙ୍କ ଫୋନକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୋନୁ



@ ସାଇ



@ ଆଶିଷ



@ ସ୍ୱାଗତିକା



@ ସୁଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଘୂର୍ଣ୍ଣିଝଡ଼ରେ ଉଡ଼ିଗଲା ୩ ପରିବାରର ଘର ଛପର



ଘୂର୍ଣ୍ଣିଝଡ଼ରେ ଭାଙ୍ଗିଯାଇଥିବା ଘର।

ରାଜନଗର, ୨୨।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ପଟ୍ଟାପାରିଆ ଗାଁରେ ଶୁକ୍ରବାର ଘୂର୍ଣ୍ଣିଝଡ ୩ଟି ପରିବାରର ଘର ଛପରକୁ ଉଡାଇ ନେବା ସହ ଭିତରେ ଥିବା ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀକୁ ଉଡାଇ ନେଇଛି। ଏପରିକି ଘରର ଆଜବେଷ୍ଟସକୁ ଗୋଟିଏ କିଲୋମିଟର ଦୂର ଯାଏ ଉଡାଇ ନେଇଛି। ଏହି ଘୂର୍ଣ୍ଣିଝଡ ଯୋଗୁ ଗୋଟିଏ ପରିବାରର ୩ଜଣ ନାବାଳିକା ଆହତ ହୋଇଛନ୍ତି।

ସୂଚନା ମୁତାବକ ଅପରାହ୍ନ ୨ଟା ୧୦ମିନିଟରେ ହଠାତ୍ ଘୂର୍ଣ୍ଣିଝଡ ଆସିଥିଲା। ଘୂର୍ଣ୍ଣିଝଡରେ ପଟ୍ଟାପାରିଆ ଗାଁର କୈଳାସ ଦାସଙ୍କ ୩ ବଖରା ଆଜବେଷ୍ଟସକୁ ଉଡାଇ ନେଇଛି। ଆଜବେଷ୍ଟସ ଉଡାଇ ନେବା ସହ ଘର ଭିତରେ ଥିବା ଲୁଗାପଟା, ହାଣ୍ଡି, କଡା ଓ ରନ୍ଧା ଖାଦ୍ୟକୁ ମଧ୍ୟ ଉଡାଇ ଏଣେତେଣେ ଫୋପାଡିଛି। ଏହି ଘରେ ଥିବା ରୀନାରାଣୀ ଦାସ (୧୪), ମୀନାରାଣୀ ଦାସ (୧୫), ସୁଭଦ୍ରା ଗିରି (୧୬)ଙ୍କ ଗୋଡ ହାତ ଓ ମୁହଁରେ ଆଜବେଷ୍ଟସ ଖଣ୍ଡ ବାଜି ଆହତ ହୋଇଛନ୍ତି। ୩ ଜଣଙ୍କୁ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏଥିସହ ଏହି ଗାଁର ହିମାଂଶୁ ମଣ୍ଡଳଙ୍କ ୧ ବଖରା ଚାଳ ଛପର ଓ ଝାଡେଶ୍ୱର ମଣ୍ଡଳଙ୍କ ୨ ବଖରା ଚାଳ ଛପରକୁ ଘୂର୍ଣ୍ଣିଝଡ ଉଡାଇ ନେଇଛି। କୈଳାସଙ୍କ ସ୍ତ୍ରୀଙ୍କ କହିବା କଥା ହେଲା, ରୋଷେଇ କରି ନାତି ନାତୁଣୀଙ୍କୁ ଖାଇବାକୁ ଦେଉଥିଲି। ପବନ ଆସିଲା ବୋଲି ନାତୁଣୀ କହିବାରୁ କବାଟ ବନ୍ଦ କରିବାକୁ କହିଲି। ଏତିକି କହିବା ଭିତରେ ଘୂର୍ଣ୍ଣିଝଡ ଘର ଛପରକୁ ଉଡାଇବା ଆରମ୍ଭ କରିଥିଲା। ଆମେ କେହି କିଛି ବୁଝିବା ପୂର୍ବରୁ ଛପର ଉଡିଯିବା ସହ ଆମର ସବୁକିଛି ଉଜାଡି ଦେଇଛି। ରଙ୍ଗଣୀ ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ ସାହୁ, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ୱାର୍ଡ ସଭ୍ୟ ସୁବାସ ପାତ୍ର, ଶ୍ରୀରାମ ଦଳାଇ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ପାଲ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି।

# କେନ୍ଦ୍ରାପଡ଼ା କୁଜିମେଣ୍ଢା ସଂରକ୍ଷଣକୁ ଅଣଦେଖା

କେନ୍ଦ୍ରାପଡ଼ା, ୨୨।୩ (ଜଗନ୍ନାଥ ଧଳ)

- ଫେକ୍ ବି ଜିନ୍ ଥିବାରୁ ୨୦୧୬ରେ ମାନ୍ୟତା
- ଅଜଣାଜନ୍ତୁଙ୍କ ଆକ୍ରମଣ ମୃତ୍ୟୁରେ ମିଳିନି କ୍ଷତିପୂରଣ
- କମୁଛି ଚାରଣ ଭୂମି, ମିଳୁନି ସରକାରୀ ପ୍ରୋତ୍ସାହନ

କେନ୍ଦ୍ରାପଡ଼ା ଜିଲାର କୁଜିମେଣ୍ଢା ଦ୍ରୁତଗତିରେ ଛୁଆ ଉତ୍ପାଦନ କ୍ଷମତା ପାଇଁ ବିରଳ ପ୍ରଜାତିର ବୋଲି ଜାତୀୟସ୍ତରରେ ମାନ୍ୟତା ମିଳିଛି। ଫେକ୍ ବି ଜିନ୍ ଥିବା ଏହି ଗୃହପାଳିତ ପ୍ରାଣୀଙ୍କ ସଂରକ୍ଷଣ ସହ ଉଚ୍ଚତର ଗବେଷଣା ଆବଶ୍ୟକ। କେନ୍ଦ୍ରାପଡ଼ା ମେଣ୍ଢା ଜାତୀୟସ୍ତରରେ ୨୦୧୬ରୁ ମାନ୍ୟତା ପାଇଥିବା ବେଳେ ଏହାକୁ ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନୁହନ୍ତି। ସଂରକ୍ଷଣ ଓ ଗବେଷଣା ପାଇଁ ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ବିଞ୍ଝାରପୁରୀ ଗାଈ ଓ ବାଛୁରୀଙ୍କୁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ପ୍ରାଣୀ ସମ୍ପଦ ବିଭାଗକୁ ନିଆଯାଇଥିବା ବେଳେ କେନ୍ଦ୍ରାପଡ଼ା ମେଣ୍ଢା ପ୍ରତି ଅଣଦେଖା କରାଯାଇଛି। ଅପରପକ୍ଷରେ ୨୦୨୧ ଓ ୨୦୨୩ରେ ଅଜଣା ଜନ୍ତୁଙ୍କ ଆକ୍ରମଣରେ ୬୦ରୁ ଊର୍ଦ୍ଧ୍ୱ ମେଣ୍ଢାଙ୍କ ଜୀବନ ଯାଇଥିଲେ ମଧ୍ୟ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ସେହିପରି ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ ଚାରଣଭୂମି ଏବେ ଜବରଦଖଲକୁ ଚାଲିଯାଉଛି। ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ କୁଜିମେଣ୍ଢା ଜିଲା ଅର୍ଥନୀତିରେ ସାମିଲ ହୋଇ ପାରୁ ନ ଥିବା ସ୍ଥାନୀୟ ଜିଲାର ଚାଷୀ, ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ସମ୍ପର୍କରେ କଂସାର ଗ୍ରାମର ମେଣ୍ଢା ଚାଷୀ ନିରଞ୍ଜନ ପରିଡା କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିରେ ଛେଳି, ମେଣ୍ଢା, ଗାଈ, କୁକୁଡା ଆଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିପଦ ଆପଦ ସମୟରେ ଏହି ପଶୁପକ୍ଷୀ ସାହା ହୋଇଥାନ୍ତି। ଏଥିମଧ୍ୟରୁ ମେଣ୍ଢା ଚାଷ ଲାଭଦାୟକ। ମାତ୍ର ଏ ନେଇ ସରକାରୀ ପ୍ରୋତ୍ସାହନ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ସେହିପରି ଗ୍ରାମାଞ୍ଚଳରେ ପାଳିତ ମେଣ୍ଢାଙ୍କ ବୀମା ନ ଥିବାରୁ ଦୁର୍ଘଟଣାଜନିତ ମୃତ୍ୟୁରେ କ୍ଷତିପୂରଣ ମିଳୁନାହିଁ। ୨୦୨୧ରେ ଡେରାବିଶ ଓ ମହାକାଳପଡା ବ୍ଲକ ଅଞ୍ଚଳରେ ୪୩ଟି ମେଣ୍ଢା ଅଜଣା ଜନ୍ତୁର ଶିକାର ହୋଇଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ମେଣ୍ଢା ମୃତ୍ୟୁ କ୍ଷେତ୍ରରେ କ୍ଷତିପୂରଣ ମିଳି ନ ଥିବାବେଳେ ଚାରଣଭୂମିର ସମସ୍ୟା ଦେଖାଦେଇଛି। ମେଣ୍ଢା ଚାଷ ପାଇଁ ସହଜରେ ବ୍ୟାଙ୍କ ଋଣ ଓ ଚିକିତ୍ସା ସୁବିଧା ମିଳୁ ନାହିଁ। ବୁଦ୍ଧିଜୀବୀ ପ୍ରସନ୍ନ କୁମାର ଧଳ କହିଛନ୍ତି, ପ୍ରାଣୀଧନ ବିକାଶ ପାଇଁ କେନ୍ଦ୍ରର ରାଷ୍ଟ୍ରୀୟ କୃଷି ଯୋଜନା ଓ ରାଜ୍ୟ କୃଷି ବିଭାଗର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କେନ୍ଦ୍ରାପଡ଼ା ଜିଲାରେ ଏହା କାଗଜପତ୍ରରେ ସୀମିତ ହୋଇଛି। ପ୍ରତିବର୍ଷ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୦୦ମସିହା ଗଣନା ଅନୁଯାୟୀ ଜିଲାରେ ମୋଟ ୧୪,୮୮୫ ମେଣ୍ଢା ଥିବାବେଳେ ଏବେ ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଇଛି। ମହାବାତ୍ୟା ପରେ ଜିଲା ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ପ୍ରାୟ ୬୯ ପ୍ରତିଶତ ଲୋକ ଚାଷକୁ ଆଦରି ଥିବା ବେଳେ ୪୭ ପ୍ରତିଶତ କ୍ଷେତ ଓ ଗୃହପାଳିତ ପଶୁପକ୍ଷୀଙ୍କ ଉପରେ ଭରସା ରଖିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତୃଣମୂଳ ଚାଷୀଙ୍କ ତାଲିମ, ଋଣ, ବଜାର ମଣ୍ଡି ଆଦି ବ୍ୟବସ୍ଥା କରିପାରିଲେ ମେଣ୍ଢା ଚାଷ ଜିଲାର ଅର୍ଥନୀତିରେ ସହଯୋଗୀ ହୋଇପାରିବ। ପ୍ରାଣୀବିଜ୍ଞାନ ଅଧ୍ୟାପକ ଦେବୀ ପ୍ରସାଦ ସାହୁ କହିଛନ୍ତି, ୨୦୧୬ରେ କେନ୍ଦ୍ରାପଡ଼ା ମେଣ୍ଢାକୁ ପଶ୍ଚିମବଙ୍ଗର ଗାରୋଲ ମେଣ୍ଢା ପରେ ଫେକ୍ ବି ଜିନ୍ ଥିବା ନେଇ କେନ୍ଦ୍ରାପଡ଼ା କୁଜିମେଣ୍ଢାର ପରିଚୟ ଜାତୀୟସ୍ତରରେ ମିଳିଛି। ଏହି ଜିନ୍ ଯୋଗୁ ଏକକାଳୀନ ୩ରୁ ୪ଟି ଛୁଆ ଦେଇଥାଏ। ଏ ପ୍ରକାର ମେଣ୍ଢା ପ୍ରାୟ ୧୫ ମାସ ମଧ୍ୟରେ ସନ୍ତାନ ଉତ୍ପାଦନ କ୍ଷମତା ହାସଲ କରିଥିବା ବେଳେ ୧୫୦ ଦିନରେ ଛୁଆ ଜନ୍ମ କରିଥାନ୍ତି। ମେଣ୍ଢାଙ୍କ ମାଂସ, ଚମଡା, ଲୋମ ସହ ହାଡକୁ ବିଭିନ୍ନ ଭାବରେ ଉପଯୋଗ କରାଯାଇଥାଏ। ବୟସ୍କ ମେଣ୍ଢାଙ୍କ ଓଜନ ପ୍ରାୟ ୩୦ କେଜି ହୋଇଥିବାରୁ ଚାଷୀଙ୍କ ଆର୍ଥିକ ସ୍ଥିତି ବଦଳ ପାଇଁ ସକ୍ଷମ ହୋଇଥାଏ। କୁଜି ମେଣ୍ଢାର ସଂରକ୍ଷଣ ଓ ପ୍ରୋତ୍ସାହନ ସମ୍ପର୍କରେ ସିଡିଭିଓ ଡା. ଦୀପ୍ତି ମହାପାତ୍ରଙ୍କୁ ପଚାରିବାରେ ଜିଲାର କୁଜିମେଣ୍ଢା ପ୍ରଜାତିକୁ ଜାତୀୟ ମାନ୍ୟତା ମିଳିଛି। ଏହି ପ୍ରଜାତି ମେଣ୍ଢା ସଂରକ୍ଷଣ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ଅଦ୍ୟାବଧି ନାହିଁ। ଗୃହପାଳିତ ପଶୁପକ୍ଷୀଙ୍କ ପାଳନ କ୍ଷେତ୍ରରେ ପ୍ରୋତ୍ସାହନ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଏଥିରେ ବହୁ ଚାଷୀ ସାମିଲ ରହିଛନ୍ତି ବୋଲି ସେ କହିଛନ୍ତି।



# ନୟାଗଡ଼ରେ ଗଡ଼ ଉତ୍ସବ: ୧୨ ଶମ୍ଭୁ ମେଳଣ




ନୟାଗଡ଼ ସଦର ମହକୁମାରେ ଗଡ ମହୋତ୍ସବକୁ ଶୋଭାଯାତ୍ରାରେ ଠାକୁରଙ୍କୁ ବିମାନରେ ଅଣାଯାଉଛି।

■ ଭୋଗ ଖାଉଛନ୍ତି ୮ ଠାକୁର
■ ଏକାଦଶୀରୁ ଚତୁର୍ଦ୍ଦଶୀ ଚାଟେରୀ ଭୋଗଖିଆ

ନୟାଗଡ଼,୨୨।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାର ପୁରୁଣା ସହରରେ ଗଡ଼ ମହୋତ୍ସବ କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଛି। ଗଡ ଉତ୍ସବରେ ୧୨ ଶମ୍ଭୁ ମେଳଣ ଓ ଫଗୁ ଖେଳ ମୁଖ୍ୟ ଆକର୍ଷଣ। ତ୍ରୟୋଦଶୀ ରାତିରେ ୧୨ ଶମ୍ଭୁଙ୍କ ସମେତ ଅନ୍ୟ ଠାକୁର ସ୍ୱତନ୍ତ୍ର ପଟୁଆରରେ ଆସି ମେଳଣ ହେବେ। ରାତି ୧୦ଟାରୁ ଶମ୍ଭୁମାନେ ଭୋର ସମୟ ପର୍ଯ୍ୟନ୍ତ ପଟୁଆରରେ ଆସିଥାନ୍ତି। ଅନ୍ୟପକ୍ଷେ ନୟାଗଡ଼ ପୁରୁଣାସହରର ଜଗନ୍ନାଥ, ରାମେଶ୍ୱର, ସ୍ୱପ୍ନେଶ୍ୱର, ରଘୁନାଥ, କାଶୀ ବିଶ୍ୱନାଥ, ଗୋପୀନାଥ, ବିଶ୍ୱନାଥ, ରାଧାମୋହନ, ରାଧାନାଥେ ପ୍ରମୁଖ ୮ଠାକୁର ଏକାଦଶୀରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଭୋଗ ଖାଇବେ। ଚଳିତବର୍ଷ ଏକାଦଶୀରୁ ୮ ଠାକୁରଙ୍କର ଭୋଗଖିଆ ପରମ୍ପରା ଆରମ୍ଭ ହୋଇଛି। ଠାକୁରମାନେ ପ୍ରତ୍ୟହ ରାତିରେ ନୟାଗଡ଼ ପୁରୁଣା ସହରର କରଣସାହି, ବ୍ରାହ୍ମଣସାହି ଓ ରାଜବାଟିରେ ଭୋଗ ଖାଇ ଫେରୁଛନ୍ତି। ଶନିବାର ଚତୁର୍ଦ୍ଦଶୀରେ ୧୨ଶମ୍ଭୁଙ୍କ ସହ ୮ ଠାକୁର ମିଳିତ ହୋଇ ଭୋଗ ଖାଇବା ପରେ ଗଡ଼ ଉତ୍ସବ ଶେଷ ହେବ।

ଗଡ ଉତ୍ସବର ମୁଖ୍ୟ ଠାକୁର ନୟାଗଡ଼ ପୁରୁଣାସହରର ଜଗନ୍ନାଥ ମହାପ୍ରଭୁ। ଜଗନ୍ନାଥ ମହାପ୍ରଭୁଙ୍କ ପକ୍ଷରୁ ନୟାଗଡ଼ ଓ ଆଖପାଖର ୧୭ ଶମ୍ଭୁଙ୍କୁ ଗଡ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ ଯାଇଛି। ତେବେ ସବୁବର୍ଷ ସିନ୍ଦୁରିଆର ଜଗନ୍ନାଥ ଓ ଲୋକନାଥ ଦେବ, ଜୟପୁରର ସିଦ୍ଧେଶ୍ୱର ଦେବ, ଖମାରସାହି ଓ ଖଣ୍ଡପଡ଼ା ରୋଡର ଆଖଣ୍ଡଳମଣି, ଲାଠିପଡାର ନୀଳକଣ୍ଠେଶ୍ୱର, କଳାହାଣ୍ଡିର କପିଳେଶ୍ୱର ଦେବ, ବରପଲ୍ଲୀର କୁଞ୍ଜବିହାରୀ, ନୟାଗଡ଼ର ମଦନଶ୍ୱର ଦେବ, କାଶୀ ବିଶ୍ୱନାଥ ଦେବ ପ୍ରମୁଖ ଗଡ ଉତ୍ସବରେ ଯୋଗ ଦେଉଛନ୍ତି। ୧୨ ଶମ୍ଭୁଙ୍କ ସହ ନୟାଗଡ଼ ପୁରୁଣାସହରର ଜଗନ୍ନାଥ, ରାମେଶ୍ୱର, ସ୍ୱପ୍ନେଶ୍ୱର, ରଘୁନାଥ, କାଶୀ ବିଶ୍ୱନାଥ, ଗୋପୀନାଥ, ବିଶ୍ୱନାଥ, ରାଧାମୋହନ, ରାଧାନାଥେ ପ୍ରମୁଖ ସାମିଲ ହୋଇଥାନ୍ତି। ଗଡ଼ ଉତ୍ସବରେ ୧୨ ଶମ୍ଭୁ ମେଳଣ ଓ ଚତୁର୍ଦ୍ଦଶୀରେ ସମସ୍ତ ଠାକୁର କରଣସାହି ଓ ବ୍ରାହ୍ମଣସାହିରେ ଭୋଗ ଖାଇ ଫେରିବା ପରେ ରାଜବାଟିରେ ଷୋଡଶ ଉପଚାରରେ ପୂଜା ହେବ। ରାଜବାଟିରୁ ଫେରିବା ପରେ ପୁଣି ଠାକୁର ଜଗନ୍ନାଥ ମନ୍ଦିରରେ ଷୋଡଶ ଉପଚାରରେ ପୂଜା ହେବେ। ପରେ ୧୨ ଶମ୍ଭୁ ସହ ଅନ୍ୟ ଠାକୁର ନିଜ ନିଜ ମନ୍ଦିରକୁ ଫେରିବେ। ଏ ନେଇ ମନ୍ଦିର ପରିଚାଳକ ସୁବାଶ ଚନ୍ଦ୍ର ବରାଡ କୁହନ୍ତି, ଗଡ ଉତ୍ସବ ଓ ଚାଟେରି ଭୋଗ ଖିଆ କାହିଁ କେଉଁ କାଳରୁ ନୟାଗଡ଼ରେ ହୋଇ ଆସୁଛି। ଚଳିତବର୍ଷ ଗଡ଼ ଉତ୍ସବ ଶୁକ୍ରବାର ରାତିରେ ଆରମ୍ଭ ହୋଇଛି। ଶନିବାର ଠାକୁର ଘରକୁ ଘର ବୁଲି ଭୋଗ ଖାଇବା ପରେ ଗଡ଼ ଉତ୍ସବ ଉଦ୍‌ଯାପିତ ହେବ।

## ନିଖୋଜ ମା’ଙ୍କୁ ଫେରିପାଇଲେ ପୁଅ

ଖଣ୍ଡପଡା,୨୨।୩
(ଅଜୟ କୁମାର ମହାରଣା)



ଦୁଇ ପୁଅଙ୍କ ସହ ମା’ ଗୁରେଇ ରାଉଳ ଓ ଡ୍ରାଇଭର ସଂଘର ସଦସ୍ୟମାନେ।

କେନ୍ଦୁଝର ଅଞ୍ଚଳରୁ ଜନୈକ ମହିଳା ନିଖୋଜ ହେବାର ପ୍ରାୟ ୨ମାସ ପରେ ରୟତି ଢୋଲମରା ଗ୍ରାମବାସୀ ଓ ଡ୍ରାଇଭର ମହାସଂଘର କେତେଜଣ ସଦସ୍ୟଙ୍କ ସହାୟତାରେ ପରିବାର ଲୋକେ ଫେରି ପାଇଥିବା ଜଣାଯାଇଛି।

ସୂଚନାକ୍ରମେ, ଖଣ୍ଡପଡା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମକୁ ଜଣେ ୭୨ବର୍ଷୀୟା ଅପରିଚିତା ମହିଳା ୨୦ ତାରିଖରୁ ଚାଲି ଆସିଥିଲେ। ଅପରିଚିତା ମହିଳାଙ୍କୁ ଗ୍ରାମବାସୀ ଓ ଡ୍ରାଇଭର ସଂଘର କେତେଜଣ ସଦସ୍ୟ ଉପଯୁକ୍ତ ଖାଦ୍ୟପେୟ ଆତିଥ୍ୟ ପ୍ରଦାନ କରି ସସମ୍ମାନେ ରଖିଥିଲେ। ସମ୍ପୃକ୍ତା ଅପରିଚିତା ମହିଳାଙ୍କଠାରୁ ତାଙ୍କ ପରିଚୟ ଓ ଠିକଣା ସଂଗ୍ରହ କରି ଡ୍ରାଇଭର ମହାସଂଘ ପକ୍ଷରୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା। ମହିଳାଙ୍କ କହିବାନୁଯାୟୀ, ତାଙ୍କ ନାମ ଗୁରେଇ ରାଉଳ, ସ୍ୱାମୀ ଦୈତାରୀ ରାଉଳ, ଗ୍ରାମ ନୂଆଗାଁ, ଥାନା କାଳିଆହତା, ଜିଲା କେନ୍ଦୁଝର ବୋଲି ଜଣାପଡିଥିଲା। ଏ ସମ୍ପର୍କରେ ମହିଳାଙ୍କ ପରିବାର ଲୋକେ ଖବରପାଇ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମହିଳାଙ୍କ ୨ପୁଅ ମିଟୁ ରାଉଳ ଓ ବୁଟୁ ରାଉଳ ପ୍ରମାଣ ସ୍ୱରୂପ ନିଜ ନିଜର ଆଧାର କାର୍ଡ ଆଣି ଢୋଲମରା ଗାଁରେ ପହଞ୍ଚି ଥିଲେ। ଦୀର୍ଘ ୨ମାସ ପରେ ମା’କୁ ପାଇ ମାତା ଓ ପୁତ୍ରମାନଙ୍କ ମଧ୍ୟରେ ଖୁସୀର ଲହରୀ ଖେଳି ଯାଇଥିଲା। ଗ୍ରାମବାସୀ, ଡ୍ରାଇଭର ମହାସଂଘର କେତେଜଣ ସଦସ୍ୟ ଓ ସ୍ଥାନୀୟ ସରପଞ୍ଚ ମୁକୁତା ପରିଡାଙ୍କ ସହାୟତାରେ ଉକ୍ତ ମହିଳାଙ୍କୁ ତାଙ୍କର ୨ ପୁତ୍ରଙ୍କୁ ହସ୍ତାନ୍ତର କରାଯାଇଥିଲା। ଏଥି ପାଇଁ ଅପରିଚିତା ମହିଳା ଓ ତାଙ୍କ ୨ ପୁଅ ଗ୍ରାମବାସୀ ଓ ଡ୍ରାଇଭର ସଂଘର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ।

## ୧୦ ସ୍କୁଲର ୪ ଶହ ଛାତ୍ରୀଛାତ୍ର ସାମିଲ

ଓଡ଼ଗାଁ,୨୨।୩
(ଆଦର୍ଶ କୁମାର ପଟ୍ଟନାୟକ)

**ବ୍ଲକ୍‌ସ୍ତରୀୟ ଦକ୍ଷତା ଆକଳନ ସର୍ବେକ୍ଷଣ**

ରାଜ୍ୟସ୍ତରୀୟ ଦକ୍ଷତା ଆକଳନ ସର୍ବେକ୍ଷଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଓଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଓଡ଼ଗାଁ ବ୍ଲକସ୍ତରୀୟ ପ୍ରତି ସ୍କୁଲର ୨ୟ, ୪ର୍ଥ ଓ ୭ମ ଶ୍ରେଣୀର ୪୦ଜଣ ଲେଖାଏ ମୋଟ ୧୦ ସ୍କୁଲର ୪ ଶହ ଛାତ୍ରୀଛାତ୍ରଙ୍କ ଦକ୍ଷତା ଆକଳନ କରାଯାଉଛି। ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଓଡ଼ଗାଁ, ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଓଡ଼ଗାଁ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଡ଼ିପଲ୍ଲୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୌଡ଼ପୁଟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋମଣ୍ଡ, ବନମାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିଖରପୁର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦଣ୍ଡୋର, ସରକାରୀ ପ୍ରାଥମିକ ବିଦ୍ୟାଳୟ ଡିମିଶର, ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଡ଼ିପଡ଼ା, ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କରେ ଆକଳନ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଂଯୋଜକ ପ୍ରତାପ କୁମାର ମହାପାତ୍ର, ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ରାଜ ସୁନାଖଳା, ନୟାଗଡ଼, ଏବିଓ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ମିଶ୍ର, ଲଳିତ ମୋହନ ମିଶ୍ର, ରବୀନ୍ଦ୍ର ଘଡ଼େଇ, ଟୁକୁନା କୁମାର ସେଠୀ, ହଜନାଥ ପ୍ରଧାନ, ସନ୍ତୋଷ କୁମାର ସାହୁ, ବିଜୟ କୁମାର ପୃଷ୍ଟି, ସୁରେନ୍ଦ୍ରନାଥ ଷଡ଼ଙ୍ଗୀ ଓ ନରେଶ ପାଣିଗ୍ରାହୀ ସହଯୋଗ କରିଥିଲେ।



ବ୍ଲକସ୍ତରୀୟ ଦକ୍ଷତା ଆକଳନ ସର୍ବେକ୍ଷଣରେ ଯୋଗ ଦେଇଥିବା ଶିକ୍ଷକ ଓ ପିଲାମାନେ।

## ଚାଉପଲ୍ଲୀ ମଦନମୋହନଙ୍କ ୩ୟ ବାର୍ଷିକ ମହୋତ୍ସବ



ବାର୍ଷିକ ମହୋତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

ଖଣ୍ଡପଡ଼ା,୨୨।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଧରାଜପୁର ପଞ୍ଚାୟତ ଚାଉପଲ୍ଲୀ ଗ୍ରାମର ଆରାଧ୍ୟ ଠାକୁର ମଦନମୋହନ ଓ ରାଧାରାଣୀ ଠାକୁରାଣୀଙ୍କ ୩ୟ ବାର୍ଷିକ ଉତ୍ସବ ଶୁକ୍ରବାରଠାରୁ ୪ଦିନ ବ୍ୟାପୀ ଆରମ୍ଭ ହୋଇଛି। ଏହି ଅବସରରେ ଠାକୁରଙ୍କୁ ମହାସ୍ନାନ କରାଯାଇ ଗ୍ରାମର ମହିଳା ଓ ପୁରୁଷ ନିକଟସ୍ଥ ଖଳିସାହି ନେଳିଆ ପୋଖରୀରୁ କଳସିରେ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଠାକୁରଙ୍କ ପ୍ରାଙ୍ଗଣରେ ସ୍ଥାପନ କରିଥିଲେ। ପରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ପ୍ରବକ୍ତା ଚିତ୍ତ ବିନୋଦ ଦାସଙ୍କ ଦ୍ୱାରା ଭାଗବତ କଥାମୃତ ପ୍ରଦାନ କରାଯାଇଥିଲା। ଅପରାହ୍ନ ସାଢେ ୨ଟାରେ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଉପଲ୍ଲୀ ଗ୍ରାମ ସଭାପତି ରବୀନ୍ଦ୍ର ବିଶୋଇ, ମର୍ଦ୍ଧରାଜପୁର ଓ ଖଳିସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଯଥାକ୍ରମେ ବୈକୁଣ୍ଠନାଥ ଗୋଛି ଓ ଶିବ ଶଙ୍କର ସାହୁ, ମର୍ଦ୍ଧରାଜପୁର ପଞ୍ଚାୟତ ନାଏବ ସରପଞ୍ଚ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୌରାଣିକ ଗୀତିନାଟ୍ୟ ମଲ୍ଲିକା ଅର୍ଜୁନ ପରିବେଷଣ କରାଯାଇଥିଲା।

## ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ

ଓଡ଼ଗାଁ,୨୨।୩
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଶ୍ରୀରଘୁନାଥ ଜିଉଙ୍କ ମନ୍ଦିର ସନ୍ନିକଟ ପାଇକସାହିରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ନାମ ଯଜ୍ଞରେ ନୟାଗଡ଼ ଜିଲାର ବିଭିନ୍ନ ଅଳରୁ ଆସିଥିବା ମହିଳାପୁରୁଷ ସଂକୀର୍ତ୍ତନ ଦଳମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍ୱରରେ ମହାମନ୍ତ୍ର ଗାୟନ କରି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ଭାବାବେଗ ସୃଷ୍ଟି କରିବା ସହ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରି ପ୍ରଶଂସା ଅର୍ଜନ କରିଥିଲେ। ବିଶେଷକରି କଣ୍ଟାବଣିଆ, ମାଳତିପୁର, ଚିଙ୍ଗୁଡ଼ି ଗାଡ଼ିଆ, ଗୋପୀନାଥପୁର, ନାଗମୁଣ୍ଡୁଳି, ଆଡଚେର, ସିଧାମଳା ଗାଁରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ହୃଦୟସ୍ପର୍ଶୀ ପରିବେଷଣ ପ୍ରଚାରିତ ହେବା ପରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଓ ପୂର୍ବତନ ସରପଞ୍ଚ ଦିବାକର ନାୟକ ପ୍ରମୁଖ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ପାଇକସାହି ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁନାଖେଳାରେ ରାଜ୍ୟସ୍ତରୀୟ ସଫଳତା ସର୍ବେକ୍ଷଣ

ରଣପୁର, ୨୨।୩
(ସୁକାନ୍ତ କିଶୋର ଡ଼ାକୁଆ)

ନୟାଗଡ ଜିଲାର ୮୦ଟି ବିଦ୍ୟାଳୟରେ ରାଜ୍ୟସ୍ତରୀୟ ସଫଳତା ସର୍ବେକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲା ରାଜସୁନାଖଳାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଅଧ୍ୟକ୍ଷ ଡ. ବିଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ସର୍ବେକ୍ଷଣରେ ଦ୍ୱିତୀୟ, ଚତୁର୍ଥ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତି ବ୍ଲକର ୧୦ଟି ବିଦ୍ୟାଳୟରେ କରାଯିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ନୟାଗଡ଼ ଜିଲ୍ଲାର ୮ଟି ବ୍ଲକର ୮୦ ଟି ବିଦ୍ୟାଳୟରେ ଏହି ସର୍ବେକ୍ଷଣ କରାଯାଇଛି। ଏହି କାର୍ଯ୍ୟରେ ନୟାଗଡ଼ ଜିଲା ରାଜସୁନାଖଳାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଖୋର୍ଦ୍ଧା ଜିଲା ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ର ପରୀକ୍ଷକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଏହାସହ ଦଶପଲ୍ଲା, ଗଣିଆ, ନୂଆଗାଁ ଓ ଖଣ୍ଡପଡ଼ା ବ୍ଲକରେ ୪୪ ଜଣ ଶିକ୍ଷୟିତ୍ରୀଶିକ୍ଷକ କ୍ଷେତ୍ର ଅନୁସନ୍ଧାନକାରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ନୟାଗଡ଼ ଜିଲାରେ ଦ୍ୱିତୀୟ ଶ୍ରେଣୀର ୧,୧୨୬ ଜଣ, ଚତୁର୍ଥ ଶ୍ରେଣୀର ୮୭୮ ଜଣ ଏବଂ ସପ୍ତମ ଶ୍ରେଣୀର ୯୩୫ ଜଣ ଛାତ୍ରୀଛାତ୍ରୀଙ୍କୁ ଏହି ପରୀକ୍ଷା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୭୮ଜଣ ଶିକ୍ଷୟିତ୍ରୀଶିକ୍ଷକମାନେ ଶିକ୍ଷକ ପ୍ରଶ୍ନପତ୍ରରେ ପରୀକ୍ଷା ଦେଇଛନ୍ତି ଭୁବନେଶ୍ୱର ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନର ଶ୍ୱେତୋ ଡୋଭଲ, ରାଜସୁନାଖଳା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ବିଜୟ କୁମାର ତ୍ରିପାଠୀ, ଶିକ୍ଷକ ପ୍ରଶିକ୍ଷକ ଦୀପକ କୁମାର ପ୍ରଧାନ,ରଣପୁର ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା ଓ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ ନିରୀକ୍ଷକ ଭାବେ ନରସିଂହପୁର ୟୁଜିଏମଇ ବିଦ୍ୟାଳୟ, ବି.ସି. ହାଇସ୍କୁଲ, ରାଜସୁନାଖଳା ବିଦ୍ୟାଳୟରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ। ସେହିପରି ଜିଲା ଶିକ୍ଷା ଅଧିକାରିଣୀ ରାଜଶ୍ରୀ ପଟ୍ଟନାୟକ ମଧ୍ୟ ନୟାଗଡ଼’ ଜିଲାର ବିଦ୍ୟାଳୟଗୁଡିକରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ। ୨୦୨୪ରେ ନଭେମ୍ବର ମାସରେ ହେବାକୁ ଥିବା ନାସ୍ ପରୀକ୍ଷାରେ ଓଡିଶାର ପିଲାମାନେ କିପରି ଭଲ ସଫଳତା ପ୍ରଦର୍ଶନ କରିବେ ସେ ନେଇ ଏହା ଏକ ସରକାରଙ୍କ ପ୍ରସ୍ତୁତି କାର୍ଯ୍ୟକ୍ରମ ଅଟେ ଶିକ୍ଷକ ପ୍ରଶିକ୍ଷକ ମନୋରଞ୍ଜନ ଦାଶ, ବଟକୃଷ୍ଣ ସାହୁ, ଅନିନ୍ଦିତା ପ୍ରିୟଦର୍ଶିନୀ, ସନ୍ତୋଷ କୁମାର ମିଶ୍ରଙ୍କ ସମେତ ସିଆରସିସି ସୁଶୀଲ କୁମାର ରଣା, ସଞ୍ଜୟ କୁମାର ବରାଡ଼, ଜ୍ୟୋତି ରଞ୍ଜନ କରଙ୍କ ସମେତ ନୟାଗଡ଼ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିସିମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୋନୁ



@ ସାଇ



@ ଆଶିଷ



@ ସ୍ୱାଗତିକା




@ ସୁଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୬୧ ବୋତଲ କପ୍ ସିରଫ ଜବତ

ନୟାଗଡ଼,୨୨୩(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଅବକାରୀ ଥାନା ପକ୍ଷରୁ ସିନ୍ଦୁରିଆରେ ଚଢ଼ାଉ କରାଯାଇ ୬୧ ବୋତଲ କପ୍ ସିରଫ ଜବତ କରାଯାଇଛି। ଏହି ଘଟଣାରେ ସିନ୍ଦୁରିଆର ଅବଦୁଲ ମୁସଲିମ ଖାନ (୩୬)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଅବଦୁଲଙ୍କୁ ଗୁରୁବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଥିବା ଆଇଆଇସି ଦୀପକ କୁମାର ଜେନା ସୂଚନା ଦେଇଛନ୍ତି।

## ଚତୁର୍ଥ ଦିବସରେ ଆମରଣ ଅନଶନ ପ୍ରତ୍ୟାହୃତ



ଅନଶନସ୍ଥଳରେ ପ୍ରଶାସନିକ ଅଧିକାରୀ ବୁଝାଶୁଝା କରୁଛନ୍ତି।

ନୟାଗଡ଼/ରଣପୁର,୨୨।୩ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

**ରାଜସୁନାଖଳା ଏନ୍‌ଏସି ମାନ୍ୟତା ଦାବି**

ନୟାଗଡ଼ ଜିଲାର ରାଜସୁନାଖଳା ଏନ୍‌ଏସି ମାନ୍ୟତା ଦାବିରେ ଚାଲିଥିବା ଆମରଣ ଅନଶନ ଚତୁର୍ଥ ଦିବସରେ ପ୍ରତ୍ୟାହୃତ ହୋଇଛି। ଅନଶନ ସ୍ଥଳରେ ଶାସକ, ବିରୋଧୀ ଦଳର ଅନେକ ହେଭିୱେଟ ନେତା ପହଞ୍ଚି ଥିଲେ। ଏପରିକି କିଛି ରାଜନେତା ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ଜିଲାପାଳଙ୍କ ନିର୍ଦ୍ଦେଶରେ ରଣପୁର ବିଡିଓ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ରଣପୁର ତହସିଲଦାର ପହଞ୍ଚି ନିର୍ବାଚନ ପରେ ଏନ୍‌ଏସି ନିଶ୍ଚୟ କରାଯିବା ପାଇଁ ପ୍ରକ୍ରିୟା ଶେଷ ହେବ କହିଥିଲେ। ଶେଷରେ ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାଶ ପ୍ରତିଶ୍ରୁତି ଦେଇ ଅନଶନକାରୀ ଆର୍ତ୍ତବନ୍ଧୁ ପ୍ରଧାନଙ୍କୁ ଗ୍ଲୋକୋଜ ପିଆଇ ଅନଶନ ଭଙ୍ଗ କରାଇ ଥିଲେ।

